

ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।
- ବର୍ଣ୍ଣାଡ ଶ



## ସଂକ୍ଷେପରେ

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଛତିଆ, ୭।୨(ଡି.ଏନ୍.ଏ.):** ଛତିଆ ଅଞ୍ଚଳରେ ଜଣେ +୩ ଛାତ୍ରୀଙ୍କୁ ଗୁରୁବାର ଅପହରଣ କରାଯାଇଥିବା ବୈରୀ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଉକ୍ତ ଛାତ୍ରୀ ନିଜ ଭଉଣୀଙ୍କ ସହ କଲେଜରୁ କ୍ଲାସ ସାରି ଘରକୁ ଫେରୁଥିଲେ। ଏହି ସମୟରେ ବସ୍ ଷ୍ଟାଣ୍ଡ ଯିବା ବାଟରେ ଏକ ଧଳା ରଙ୍ଗର କାର୍ ଆସି ଉଭୟଙ୍କ ପାଖରେ ଅଟକି ଥିଲା। କାର୍‌ରୁ ବୈରୀ ଥାନା ଅନ୍ତର୍ଗତ ନେଳିଆ ପଞ୍ଚାୟତର ଜଣେ ଯୁବକ ଦୁଇ ସହଯୋଗୀଙ୍କ ସହ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ଭଉଣୀ ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ମାଡ଼ ମାରିଥିବା ନେଇ ବୈରୀ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

### ମୁଁ ହିରୋ କାର୍ଯ୍ୟକ୍ରମ

**ଧର୍ମଶାଳା,୭।୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତରେ ମୁଁ ହିରୋ ଓ ଆସ ଖେଳିବା ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପି ଚାଲିଥିବା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହାଇଜମ୍ପ, ଲଙ୍ଗଜମ୍ପ, ଚେସ, କ୍ୟାରମ, ଦୌଡ ଓ କ୍ରିକେଟ ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବବୁଲ ଦେଉରୀ ଓ ଛାତ୍ରୀଙ୍କ ମଧ୍ୟରୁ ସ୍ୱପ୍ନାରାଣୀ ସାହୁ ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସମିତି ସଭ୍ୟ ଶରତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଜଳଧର ମହାନ୍ତି, ଅତିଥିଭାବେ ସ୍ଥାନୀୟ ସରପଞ୍ଚ ନଗେନ କୁମାର ଦାସ, ପ୍ରତାପ କୁମାର ସେଠୀ, ଅବଜଲ ବକ୍ସ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠିତ ଖେଳଗଡ଼ିକୁ ଯୁବ ବାହିନୀ ପକ୍ଷରୁ ସଭାପତି ଅନୁବ୍ରତ ମିଶ୍ର, ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, କୋଷାଧକ୍ଷ ଅମ୍ବୁଜ ଧଳ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ପଞ୍ଚାୟତର ୧୦ଜଣ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ମୁଁ ହିରୋ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି।

### ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ଜେନାପୁର, ୭।୨(ଡି.ଏନ୍.ଏ.):** ଜେନାପୁର ଥାନା ପୋଲିସ ପକ୍ଷରୁ ଗୁରୁବାର ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୋଲିସ ପକ୍ଷରୁ ୨ଘଣ୍ଟା ଧରି ଏକ ଭ୍ରାମ୍ୟମାଣ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ସୁନିଲ କୁମାର ସାମଲ, ପ୍ରତାପ କୁମାର ମଲ୍ଲିକ ଓ ଅରୁଣ କୁମାର ଓଝା ଏକ ବାଇକ ରାଲିରେ ଯୋଗଦେଇ ୧୦ରୁ ଅଧିକ ପଞ୍ଚାୟତ ପରିକ୍ରମାକରି ଲୋକମାନଙ୍କୁ ଓ କଲେଜର ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପବିତ୍ର ସାହୁ, ସନ୍ତୋଷ ବାରିକ, ବସନ୍ତ ସାହୁ, କ୍ଷୀରୋଦ ରାଉତ, କୀର୍ତ୍ତନ ରାଉତ, ଗୋଲଖ ପାଢ଼ୀ, ବସନ୍ତ ଦାସ, ସୌଭାଗ୍ୟ ସାମଲ ଓ କୀର୍ତ୍ତନ ନାୟକ ପ୍ରମୁଖ ସହାୟତା କରିଥିଲେ।

## ଧାନ କିଣାରେ ଅସମାହିତ ସମସ୍ୟା

# ମାର୍କଫେଡ୍‌ର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ

ଯାଜପୁର ଅଫିସ,୭।୨

- ଚଳିତ ବର୍ଷ ସମ୍ବଲପୁର, ଗଞ୍ଜାମ ଜିଲାରୁ କିଣୁଛି ଧାନ
- ବଲାଙ୍ଗୀର, ନୂଆପଡାକୁ ବାଦ୍ ଦିଆଯାଇଛି
- ଉଚ୍ଚସ୍ତରୀୟ ତଦନ୍ତ ହେଲେ ଧରାପଡ଼ିବ ବାସ୍ତବ ଚିତ୍ର

ସମ୍ପ୍ରତି ସାରା ରାଜ୍ୟରେ କୃଷି ଓ କୃଷକଙ୍କୁ ନେଇ ଚାଲିଛି ଚର୍ଚ୍ଚା। ସାଧାରଣ ନିର୍ବାଚନ ସମୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଇଁ ଏହା ମୁଣ୍ଡ ବ୍ୟଥାର କାରଣ ହୋଇଛି। ଚାଷୀଙ୍କ ଉଦ୍ଦେଶ୍ୟରେ ଉଭୟ ସରକାର ଯୋଜନା ପରେ ଯୋଜନା ଘୋଷଣା କରୁଛନ୍ତି। ମାତ୍ର ତାହା ଚାଷୀଙ୍କୁ ସନ୍ତୁଷ୍ଟ କରିପାରୁ ନାହିଁ। ଅପରପକ୍ଷରେ ପ୍ରତିବର୍ଷ ଧାନସଂଗ୍ରହ ପାଇଁ ହେଉଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ସରକାର ବିଫଳ ହେଉଛନ୍ତି। ଏଥିରେ ଅନେକ ସଂସ୍ଥା ସାମିଲ ହେଉଥିଲେ ଧାର୍ଯ୍ୟ ଲକ୍ଷ୍ୟ କାହିଁକି ପୂରଣ ହୋଇପାରୁ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହିକ୍ରମରେ ରାଜ୍ୟର କେତେକ ଜିଲାରେ ପ୍ୟାକ୍ସ ଜରିଆରେ ଧାନ ସଂଗ୍ରହ କରୁଥିବା ମାର୍କଫେଡ ସଂସ୍ଥାର କାର୍ଯ୍ୟଧାରାକୁ ନେଇ ସନ୍ଦେହ ଉପୁଜିଛି। ଚାଷୀଙ୍କଠାରୁ ସିଧାସଳଖ ଧାନ ନ କିଣି ମିଲର୍ସଙ୍କ ସହ ସଲାସୁତୁରା କରି ମାର୍କଫେଡ ପ୍ରତିବର୍ଷ କୋଟି କୋଟି ଟଙ୍କା ହଡ଼ପ କରୁଥିବା ଅଭିଯୋଗ ଉଠିଛି।

ବିଧାନସଭାରେ ତାରକା ପ୍ରଶ୍ନସଂଖ୍ୟା ୧୦୬ର ଉତ୍ତର ଅନୁସାରେ ଚଳିତ ୨୦୧୮-୧୯ ଖରିଫ ବିପଣନ ବର୍ଷରେ ମାର୍କଫେଡକୁ ଗଞ୍ଜାମ ଜିଲାରୁ ୪୫,୫୨୨ ମେଟ୍ରିକଟନ ଓ ସମ୍ବଲପୁର ଜିଲାରୁ ୨୬,୪୭୧ମେଟ୍ରିକ ଟନ ଧାନ ସେବା ସମବାୟ ସମିତି ଜରିଆରେ ଚାଷୀମାନଙ୍କଠାରୁ କ୍ରୟ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ଏହି ଦୁଇ ଜିଲାରେ ଜାନୁୟାରୀ ୩୦ତାରିଖ ସୁଦ୍ଧା ୬,୫୧୫ଜଣ ଚାଷୀଙ୍କଠାରୁ ୧୯,୮୨୪.୦୭୫ ମେଟ୍ରିକ ଟନ ଧାନ କ୍ରୟ କରାଯାଇଛି। ତେବେ ଗତ ବର୍ଷଗୁଡ଼ିକରେ ମାର୍କଫେଡକୁ ୪ଟି ଜିଲାରୁ ଧାନ ସଂଗ୍ରହ କରିବାକୁ ରାଜ୍ୟ ସରକାର ଦାୟିତ୍ୱ ଦେଉଥିଲେ। କିନ୍ତୁ ଧାନ ସଂଗ୍ରହରେ ମାର୍କଫେଡର ଅନିୟମିତତା ନେଇ ବିଭିନ୍ନ ଅଭିଯୋଗ ଆସିବା ପରେ ଚଳିତବର୍ଷ କେବଳ ୨ ଜିଲାରୁ ଧାନ ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ୨୦୧୬-୧୭ ବର୍ଷରେ ମାର୍କଫେଡକୁ ବଲାଙ୍ଗୀର, ଗଞ୍ଜାମ, ନୂଆପଡ଼ା ଓ ସମ୍ବଲପୁର ଜିଲାରୁ ୧,୧୯,୬୨୪ ମେଟ୍ରିକଟନ୍ ଧାନ କ୍ରୟ କରିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ଏହିବର୍ଷ ୨୭,୪୨୬ଜଣ ଚାଷୀଙ୍କ ପାଖରୁ ୧,୧୯,୬୨୩.୫୯୦ ମେଟ୍ରିକଟନ ଧାନ ସଂଗ୍ରହ କରିବାରେ ସଫଳ ହୋଇଥିବା ମାର୍କଫେଡ କାଗଜପତ୍ରରେ ଦର୍ଶାଇଛି। ଏଥିରେ ୧୭୫ କୋଟି ୮୪ଲକ୍ଷ ୬୬ହଜାର ୭୭୩ ଟଙ୍କା ବିନିଯୋଗ ହୋଇଥିଲା। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ମାର୍କଫେଡ ଉପରୋକ୍ତ ୪ ଜିଲାରୁ ୧,୧୨,୧୯୫ ମେଟ୍ରିକଟନ ଧାନ ସଂଗ୍ରହ ଲକ୍ଷ୍ୟ ରଖିଥିଲା। ତେବେ ଲକ୍ଷ୍ୟଧାର୍ଯ୍ୟ ପୂରଣ ନ କରି ୧,୦୨,୨୦୧.୩୬୯ ମେଟ୍ରିକ ଟନ ଧାନ କ୍ରୟ କରିଥିଲା। ୨୭,୦୮୧ଜଣ ଚାଷୀଙ୍କୁ ଏଥିପାଇଁ ୧୫୮ କୋଟି ୪୧ ଲକ୍ଷ ୨୧ ହଜାର ୨୨୦ ଟଙ୍କା ପଇଠ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ରିପୋର୍ଟକୁ ଅବଲୋକନ କଲେ ବାସ୍ତବତା ଭିନ୍ନ ବୋଲି ମତପ୍ରକାଶ ପାଇଛି। ଧାନ ସଂଗ୍ରହ ସମୟରେ ମଣ୍ଡିରେ ମାର୍କଫେଡ କର୍ତ୍ତୃପକ୍ଷଙ୍କ ସାଧାରଣତଃ ଦେଖା ମିଳି ନ ଥାଏ। ସେମାନେ ସମ୍ପୃକ୍ତ ମିଲର୍ସଙ୍କ ଉପରେ ଭରସା ରଖିଥାନ୍ତି। ମାର୍କଫେଡ ମାର୍ଫତରେ ମିଲର୍ସମାନେ ପ୍ୟାକ୍ସ ଜରିଆରେ ଧାନ କିଣି ମିଲ୍‌କୁ ନେଇଥାନ୍ତି। ଅନ୍ୟପକ୍ଷେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ନିର୍ଦ୍ଧାରିତ ସହାୟକ ମୂଲ୍ୟଠାରୁ କମ୍ ଦରରେ ମଧ୍ୟସ୍ଥିଙ୍କୁ ବିକ୍ରି କରିଥାନ୍ତି। ତେବେ ବେଆଇନ ଭାବେ ଚାଷୀଙ୍କଠାରୁ ମଧ୍ୟସ୍ଥି କିଣିଥିବା ଏହି ଧାନକୁ ସିଧାସଳଖ ମିଲର୍ସମାନେ କିଣିଥାନ୍ତି। ମିଲର୍ସ କିଣିଥିବା ଏହି ଧାନକୁ ନେଇ ମାର୍କଫେଡ ତାର ଲକ୍ଷ୍ୟଧାର୍ଯ୍ୟ ପୂରଣ କରିଥାଏ। ଏଥିରେ ମାର୍କଫେଡ ଓ ମିଲର୍ସ କୋଟି କୋଟି ଟଙ୍କାର ମୁନାଫା ଉଠାଇଥାନ୍ତି। କେତେକସ୍ଥଳେ ମାର୍କଫେଡ ଜାଲ ଚାଷୀ ପରିଚୟପତ୍ର ବଳରେ କାଗଜପତ୍ରରେ ଧାନ କିଣି ବାସ୍ତବରେ ରିସାଇକ୍ଲିଂ ଚାଉଳକୁ କମ୍ ଦରରେ କିଣି ନୂତନ ଭାବେ ପ୍ୟାକିଂ କରି ଯୋଗାଣ ବିଭାଗ ପାଖରେ ଦାଖଲ କରି ମୁନାଫା ଉଠାଇଥାଏ ବୋଲି ଅଭିଯୋଗ ହୁଏ। ଏହାସହ ମଣ୍ଡିରେ ବିକ୍ରିବେଳେ ବସ୍ତାରୁ କିଛି ଧାନ କାଟି ରଖାଯାଉଛି ବୋଲି ବିଧାନସଭାର ଅନ୍ୟ ଏକ ପତ୍ରସଂଖ୍ୟା ୧୩୦ରେ ଅଭିଯୋଗ ଉଠିଛି। ତେବେ ଏହି ସବୁ ସନ୍ଦିହାନ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଉଛି। ଯାଜପୁର ଜିଲାର ବିପିଏଲ, ଅନ୍ନପୂର୍ଣ୍ଣା, ଅନ୍ତ୍ୟୋଦୟ, ମଧ୍ୟାହ୍ନ ଭୋଜନ ଆଦି ହିତାଧିକାରୀଙ୍କ ଚାହିଦା ପୂରଣ ପାଇଁ ପ୍ରାୟ ୫୦ ପ୍ରତିଶତ ଚାଉଳ ବାହାର ଜିଲାର ଆମଦାନୀ ହୋଇଥାଏ। ଏଥିପାଇଁ ପରିବହନ ଖର୍ଚ୍ଚ ବାବଦକୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରତିବର୍ଷ ଜିଲାର ଚାଷୀଙ୍କ ଠାରୁ ଉତ୍ପାଦିତ ଧାନ ଅନୁସାରେ ସମ୍ପୂର୍ଣ୍ଣ ଚାଉଳ ସଂଗ୍ରହ କରିବାରେ ପ୍ରଶାସନ ଯଦି ନିଶ୍ଚିତ ହୁଅନ୍ତା ତେବେ ଏହି ପରିସ୍ଥିତିର ମୁକାବିଲା କରିବାରେ ସଫଳ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। ଏହାବାଦ ଜଳସେଚନ ଜମି ପରିମାଣରେ ବୃଦ୍ଧି ଏବଂ ପ୍ରତିବର୍ଷ ଧାନ ସଂଗ୍ରହରେ ସଙ୍କୋଚତା ଅମଳନ୍ଥନ କରାଗଲେ ଭବିଷ୍ୟତ ପାଇଁ ଖାଦ୍ୟ ସଙ୍କଟ ସନ୍ଦେହ ଦୂର ହୋଇପାରନ୍ତା ବୋଲି ଜିଲାବାସୀ ଆଶା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ମାର୍କଫେଡ-ଓଡିଶା(ମୁଖ୍ୟକାର୍ଯ୍ୟାଳୟ)ର ପରିଚାଳକ ତାଙ୍କ ଉତ୍ତରରେ କହିଛନ୍ତି ସରକାରଙ୍କ ଫୁଡ ଆଣ୍ଡ ପ୍ରୋକ୍ୟୁମେଣ୍ଟ ପଲିସି ଅନୁଯାୟୀ ଧାନ କ୍ରୟ କରାଯାଉଛି। ମଣ୍ଡିରେ ଧାନ ବିକ୍ରିବେଳେ ବସ୍ତାରୁ କିଛି କାଟି ରଖିବା ମାର୍କଫେଡ ନଜରକୁ ଆସିନାହିଁ ବୋଲି କହୁଛନ୍ତି।

## ମାଣ୍ଟୁକା ସରପଞ୍ଚଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୭।୨(ଡି.ଏନ୍.ଏ./ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଟୁକା ପଞ୍ଚାୟତର ସରପଞ୍ଚ ସସ୍ମିତା ଦାସଙ୍କ ଉପରୁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବା ସହ ପୁନର୍ବାର ଅବସ୍ଥାପିତ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ଏ ନେଇ ବୁଧବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠି ନଂ ୨୬୯୫ରେ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ଯାଜପୁର ଜିଲାପାଳ, ବଡ଼ଚଣା ବିଡିଓଙ୍କୁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ରାସ୍ତା ଆଲୋକୀକରଣ ନାମରେ ଅନିୟମିତତା ହୋଇଥିବା ଅଭିଯୋଗରେ ଗତ ୨୦୧୭ ଅକ୍ଟୋବର ୧୮ ତାରିଖରେ ସସ୍ମିତାଙ୍କୁ ପଞ୍ଚାୟତିରାଜ ବିଭାଗ ତରଫରୁ ନିଲମ୍ବନ କରାଯାଇଥିଲା। ଏହା ସହ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଥିଲା। ତେବେ ସସ୍ମିତା ଏ ବାବଦରେ ଆସିଥିବା ଅଭିଯୋଗର ସ୍ପଷ୍ଟୀକରଣ ଦେବା ସହ ଗ୍ରାମ ସଭାର ଅନୁମୋଦନ ପ୍ରସ୍ତାବ ଓ ପଞ୍ଚାୟତ ବୈଠକରେ ପ୍ରକଳ୍ପ ଅନୁମୋଦନର ନକଲ ପ୍ରଦାନ କରିଥିଲେ। ଏହାକୁ ବିଚାରକୁ ନେଇ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ର ଧାରା ୧୧୫ ଓ ଉପଧାରା ୩ ଅନୁଯାୟୀ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଏ ନେଇ ସସ୍ମିତା ସ୍ଥାନୀୟ ପଞ୍ଚାୟତବାସୀ, ପଞ୍ଚାୟତିରାଜ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲ, ଫକୀର ମୋହନ ବଳ, ସେକ୍ ରିଆସତ୍ ଅଲି, ମାନଭଞ୍ଜନ ରାଉତରାୟ ଓ ରତିକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ରସୁଲପୁର ବ୍ଲକର ୪୫,୦୦୦ ପିଲାଙ୍କୁ ଦିଆଯିବ ଔଷଧ

ରସୁଲପୁର,୭।୨(ଡି.ଏନ୍.ଏ.)

### ଆଜି ଜାତୀୟ କୃମିନାଶକ ଦିବସ



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅଧିକାରୀ।

ଫେବୃଆରୀ ୮ ତାରିଖକୁ ସମଗ୍ର ଦେଶରେ ଜାତୀୟ କୃମି ନାଶକ ଦିବସ ଭାବରେ ପାଳନ କରାଯାଉଛି । ଏହି ଦିବସରେ ସାରା ଭାରତବର୍ଷରେ ୧ ରୁ ୧୯ ବର୍ଷ ପିଲାଙ୍କୁ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ କୃମିନାଶକ ଔଷଧ ବିତରଣ କରାଯିବ। ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ସରକାରୀ ଡାକ୍ତରଖାନାଗୁଡ଼ିକରେ ଏହି ଔଷଧ ମାଗଣାରେ ମିଳିବ। କୃମି ଆକ୍ରାନ୍ତ ପିଲାମାନେ ଦୁର୍ବଳ ହୋଇଯାଆନ୍ତି। ସେମାନଙ୍କ ଭୋକଶକ୍ତି କମିଯିବା ସହ ରୋଗ ପ୍ରତିଶେଧକ ଶକ୍ତି ହ୍ରାସ ପାଇଯାଏ। ପିଲାଙ୍କୁ ସୁସ୍ଥ ସବଳ ଓ ନିରୋଗ ଜୀବନ ବଞ୍ଚିବାରେ ସହାୟକ ହେବା କୃମି ନାଶକ ଦିବସ ମୂଳଲକ୍ଷ୍ୟ ବୋଲି ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧିର ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଏହି କ୍ରମରେ ରସୁଲପୁର ବ୍ଲକ ଅଞ୍ଚଳରେ ଥିବା ୨୬୪ଟି ବିଦ୍ୟାଳୟରୁ ୪୫ ହଜାର ପିଲାଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏନେଇ ସ୍ୱାସ୍ଥ୍ୟ, ଶିକ୍ଷା ଓ ସମନ୍ୱିତ ମହିଳା ଓ ଶିଶୁ ବିଭାଗ ଭଳି ତନୋଟି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମିଳନୀ କକ୍ଷରେ ଡାକ୍ତର ସାହୁଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ଅଧିନସ୍ଥ ୧ ରୁ ୫ବର୍ଷ ପର୍ଯ୍ୟନ୍ତ ମୋଟ୧୩,୦୦୦ ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ କୃମିନାଶକ ପାଣିଔଷଧ ପ୍ରଦାନ କରାଯିବ। ସେହିପରି ୬ ରୁ ୧୯ବର୍ଷର ୩୨,୦୦୦ପିଲାଙ୍କୁ ସ୍କୁଲ କଲେଜରେ କୃମିନାଶକ ବଟିକା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ କଲେଜଗୁଡ଼ିକୁ ସାମିଲ କରାଯାଇ ନ ଥିବାରୁ କଲେଜ ପଢୁଆ ୧୯ବର୍ଷ ପର୍ଯ୍ୟନ୍ତ ପିଲା ନିଜ ନିଜ ଅଙ୍ଗନୱାଡି କେନ୍ଦ୍ରରେ ପ୍ରତିଶେଧକ ଔଷଧ ପାଇପାରିବେ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପପୁଷ୍ଟି ଶିକାର ପିଲାଙ୍କୁ ଏହି ଔଷଧ ପ୍ରଦାନ କରିବା ପୂର୍ବରୁ ଡାକ୍ତରମାନଙ୍କର ପରାମର୍ଶ ନେବାକୁ ହେବ ବୋଲି କୁହାଯାଇଛି। ଏହି କର୍ମଶାଳାରେ ବ୍ଲକ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ହରିପ୍ରିୟା ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସ୍ୱାସ୍ଥ୍ୟକର୍ମୀ ଅଶୋକ କୁମାର ବୋଇତାଇ ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଖରୀରେ ବୁଡ଼ି ଶିଶୁ ମୃତ୍ୟୁ ଘଟଣା

# ପରିବାରକୁ ମିଳିଲା କ୍ଷତିପୂରଣ ସହାୟତା

ରସୁଲପୁର,୭।୨(ଡି.ଏନ୍.ଏ.)

ରସୁଲପୁର ତହସିଲ ଅଧୀନ ନଠୁଆବର ପଞ୍ଚାୟତର କୋରକୋରା ଗ୍ରାମର କପାଳି ଅଙ୍ଗନୱାଡି କେନ୍ଦ୍ର ପଛପଟେ ଥିବା ଏକ ଘରୋଇ ପୋଖରୀରେ ଦୁଇ ଶିଶୁ ସଙ୍ଗୀତା ସ୍ୱାଇଁ(୫) ଓ ରୋଷନୀ ସ୍ୱାଇଁ(୪) ବୁଡ଼ି ପ୍ରାଣ ହରାଇଥିଲେ। ଗୁରୁବାର ତହସିଲଦାର ସରୋଜ କୁମାର ପଣ୍ଡା ମୃତ ଦୁଇ ଶିଶୁଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିଛନ୍ତି। ମୃତ ଶିଶୁ ସଙ୍ଗୀତାଙ୍କ ମା ସନ୍ଧ୍ୟାରାଣୀ ଓ ରୋଷନୀଙ୍କ ମା' ସାବିତ୍ରୀଙ୍କୁ ୪ଲକ୍ଷ ଟଙ୍କା ଲେଖାଏର ଚେକ୍ ପ୍ରଦାନ କରାଯାଇଛି । ଏହି ଅବସରରେ ଅତିରିକ୍ତ ତହସିଲଦାର ରମାକାନ୍ତ ଦାସ, ରେଭିନ୍ୟୁ ସୁପରଭାଇଜର ମହେଶ୍ୱର ସେଠୀ, ଆଦମପୁର ସର୍କଲ ରାଜସ୍ୱ ନିରୀକ୍ଷକ ରମେଶ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରକାଶଥାଉ କି ୧୧।୧୧।୨୦୧୮ ରବିବାର ୨ ଶିଶୁ ଅଙ୍ଗନୱାଡି କେନ୍ଦ୍ର ନିକଟରେ ଥିବା ପୋଖରୀରେ ଗାଧୋଉ ଥିବା ସମୟରେ ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ। ତହସିଲଦାର ଘଟଣାର ଅନୁସନ୍ଧାନ କରିବା ସହ ମୃତ ଶିଶୁଙ୍କ ପରିବାରକୁ ଯଥାଶୀଘ୍ର କ୍ଷତିପୂରଣ ଦେବାପଇଁ ପ୍ରତିଶ୍ରୁତି ଦେଇଥିଲେ।

## ଦିବ୍ୟାଙ୍ଗଙ୍କୁ ମିଳିପାରୁନି ଆବାସ ଯୋଜନାରେ ଗୃହ

ସୁକିନ୍ଦା, ୭।୨(ଡି.ଏନ୍.ଏ)

ସୁକିନ୍ଦା ବ୍ଲକ ସଂସାଇଲୋ ଗ୍ରାମର ଦିବ୍ୟାଙ୍ଗ ପୂର୍ଣ୍ଣ ମଲିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ତରଫରୁ ଘରଖଣ୍ଡେ ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସ୍ଥାନୀୟ ରାଜନେତାଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଅର୍ଥାଭାବରୁ ବର୍ଷକୁ ଥରେ ଘର ଛପର କରିବା ମଧ୍ୟ ତାଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ। ଏଭଳିସ୍ଥିତିରେ ଭଙ୍ଗା ଦଦରା ଚାଳଛପର ଘରେ ଜୀବନ କାଟିବାକୁ ପଡୁଥିବା ପୂର୍ଣ୍ଣ କହିଛନ୍ତି। ବ୍ଲକ ପ୍ରଶାସନ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରି ବାକୁ ସେ ନିବେଦନ କରିଛନ୍ତି। ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ପାରିଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାଦେବାକୁ ସାମାଜିକ କର୍ମୀ ସୁଶାନ୍ତ କୁମାର ମଲ୍ଲିକ ଚେତାବନୀ ଦେଇଛନ୍ତି। ପଞ୍ଚାୟତର ଭିଏଲଡବ୍ଲୁଙ୍କ ମତାମତ ମିଳିପାରି ନାହିଁ।

## ଅଙ୍ଗନୱାଡି କର୍ମୀଙ୍କ ବିଚିତ୍ର ନୀତି

# ଦଳିତ ବସ୍ତିରେ ରହିବାରୁ ବନ୍ଦ କରିଦେଲେ ଅଣ୍ଡା, ଛତୁଆ

ସୁକିନ୍ଦା,୭।୨(ଡି.ଏନ୍.ଏ.)

କୋମଳମତି ଶିଶୁଙ୍କୁ ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରଦାନ କରିବାକୁ ସରକାର ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଏଠାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଆଯାଇଥାଏ। କୌଣସି ଶିଶୁ ଯେପରି କୁପୋଷଣର ଶିକାର ନ ହୁଅନ୍ତି ସେଥିପାଇଁ ସେମାନଙ୍କୁ ଛତୁଆ ଓ ଅଣ୍ଡା ପ୍ରଦାନ କରାଯାଉଛି। ମାତ୍ର କେତେକ ସ୍ଥାନରେ ଅଙ୍ଗନୱାଡ଼ି କର୍ମୀଙ୍କ ମନମାନୀ ଯୋଗୁ ନୀରିହ କୋମଳମତି ଶିଶୁମାନେ ଠିକ୍ ଭାବେ ସୁବିଧା ପାଇପାରୁ ନାହାନ୍ତି। ଏଭଳି ଏକ ଘଟଣା ଲୋକଲୋଚନକୁ ଆସିଛି ଯାଜପୁର ଜିଲା ସୁକିନ୍ଦା ବ୍ଲକ ମୁଣ୍ଡାକୁଳ ଅଙ୍ଗନୱାଡ଼ି କେନ୍ଦ୍ରରେ। ଏଠାରେ ପଢୁଥିବା ୨ଜଣ ଶିଶୁ କନ୍ୟାଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରୁ ମିଳୁଥିବା ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଛି। ସେମାନଙ୍କ ଉଦ୍ଦେଶ୍ୟରେ ମିଳୁଥିବା ଅଣ୍ଡା ଓ ଛତୁଆକୁ ଶିଶୁଦ୍ୱୟଙ୍କୁ ଦିଆ ନ ଯାଇ ଆତ୍ମସାତ କରାଯାଉଛି। ଉକ୍ତ ଶିଶୁଦ୍ୱୟଙ୍କୁ ଅଣ୍ଡା ଓ ଛତୁଆ ଦିଆ ନ ଯିବାର କାରଣ ମଧ୍ୟ ବିଚିତ୍ର। ଉଭୟ ଶିଶୁଙ୍କ ପରିବାର ଦଳିତ ବସ୍ତିରେ ରହୁଥିବା କାରଣରୁ ସେମାନଙ୍କୁ ଅଣ୍ଡା ଓ ଛତୁଆ ମିଳିବାରୁ ବଞ୍ଚିତ କରାଯାଇଛି। ଏପରି କି ସେମାନଙ୍କ ନାମକୁ ଅଙ୍ଗନୱାଡ଼ି କେନ୍ଦ୍ରରୁ କାଟି ଦେବାକୁ ମଧ୍ୟ ଧମକ୍ ଦିଆଯାଇଛି। ଏନେଇ ଶିଶୁ ଦ୍ୱୟଙ୍କ ପିତା ଅଭିଯୋଗ ଆଣିବା ପରେ ଅଙ୍ଗନୱାଡ଼ି କର୍ମୀଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅସହାୟ ଅବସ୍ଥାରେ ରହୁଥିବା ଉକ୍ତ ଆଦିବାସୀ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ପ୍ରତିବଦଳରେ ସବୁ ମାନବିକତା ସହ ଆଇନକାନୁନକୁ ଉଲ୍ଲଂଘନ କରାଯାଇଛି। ଏସମ୍ପର୍କରେ ସୁକିନ୍ଦା ସିଡିପିଓଙ୍କୁ ଜଣାଇବା ପରେ ସିଡିପିଓ ଘଟଣା ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀଙ୍କୁ ତାଗିଦ୍ କରିଛନ୍ତି। ସେପଟେ ନିଜ ଦୋଷକୁ ଲୁଚାଇବାକୁ ଯାଇ ଅଙ୍ଗନୱାଡି କର୍ମୀ ଉକ୍ତ ଅଭିଯୋଗ ଆଣିଥିବା ପରିବାରକୁ ମନାଇବାକୁ ଚେଷ୍ଟା କରୁଛନ୍ତି। ଏସମ୍ପର୍କରେ ଅଙ୍ଗନୱାଡିକର୍ମୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଅଙ୍ଗନୱାଡିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବିଡିଓ ତତ୍ପରତା ପ୍ରକାଶ କରିବାକୁ ଅଭିଯୋଗକାରୀ ପରିବାର ବର୍ଗଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୂଆମୁହଁ ଚାହୁଁଛନ୍ତି ଭୋଟର

(ହର୍ଷବର୍ଦ୍ଧନ ବେହେରା)
ଯାଜପୁର ଅଫିସ,୭।୨

### ବଡ଼ଚଣା ନିର୍ବାଚନ ମଣ୍ଡଳୀ



ବଡ଼ଚଣା ନିର୍ବାଚନ ମଣ୍ଡଳିରୁ ନିର୍ବାଚିତ ନେତା ନବକୃଷ୍ଣ ଚୌଧୁରୀ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଜାତୀୟ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଚୌଧୁରୀ ୧୨,୭୯୫ ଭୋଟ ପାଇ ବିଜୟୀ ହୋଇଥିଲେ। ଏହି ଦୃଷ୍ଟିରୁ ଯାଜପୁର ଜିଲାର ବଡ଼ଚଣା ନିର୍ବାଚନମଣ୍ଡଳୀ ରାଜ୍ୟ ରାଜନୀତିରେ ପ୍ରମୁଖ ସ୍ଥାନ ଅଧିକାର କରିଛି। ଏଠାରେ ଗତ ୪୦ବର୍ଷ ମଧ୍ୟରେ କଂଗ୍ରେସ ୧୫ବର୍ଷ ଏବଂ ଜନତା, ବିଜେଡି ଓ ଏନ୍‌ସିପିରୁ ୨୫ବର୍ଷ ଧରି କେବଳ ଦୁଇ ଜଣ ନେତା ସଫଳତା ପାଇଛନ୍ତି। ତଥାପି ଏହି ନିର୍ବାଚନ ମଣ୍ଡଳୀରେ ଅନେକ ଅସମାହିତ ସମସ୍ୟା ଓ ବିଭିନ୍ନ ଦାବି ଉଙ୍କି ମାରୁଛି। ଗତ ଏକ ଦଶନ୍ଧି ମଧ୍ୟରେ ଅନେକ ଦୁର୍ନୀତି ଓ ଅପରାଧୀକ ଲିଙ୍କ ଭୋଟରଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି। ତେଣୁ ଏଥର ଭୋଟର ମାଟିର ଦକ୍ଷ ନୂଆ ଚେହେରାକୁ ବାଛିବାକୁ ଅଣ୍ଟା ଭିଡ଼ିଥିବା ରାଜନୈତିକ ସମୀକ୍ଷକ ମହଲରେ ଆଲୋଚନା ହେଉଛି।

୧୯୮୦ରୁ ବଡଚଣା ନିର୍ବାଚନ ମଣ୍ଡଳୀର ଫଳାଫଳକୁ ଅବଲୋକନ କଲେ କଂଗ୍ରେସରୁ ସୀତାକାନ୍ତ ମହାପାତ୍ର ଓ ବିଜେଡିରୁ ଅମରପ୍ରସାଦ ଶତପଥୀ ଜିତି ଆସିଛନ୍ତି। ଏହି ସମୟ ମଧ୍ୟରେ ତୃତୀୟ ନେତାଙ୍କ ଆବିର୍ଭାବ ହୋଇପାରି ନାହିଁ। ୧୯୮୦-୮୫, ୧୯୮୫-୯୦ ଓ ୨୦୦୪-୦୯ ବିଧାନସଭା ନିର୍ବାଚନରେ କଂଗ୍ରେସର ସୀତାକାନ୍ତ ବିଜୟୀ ହୋଇଛନ୍ତି। ସେହିପରି ଜନତାଦଳରୁ ୧୯୯୦-୯୫ ଓ ୧୯୯୫-୨୦୦୦, ଏନ୍‌ସିପିରୁ ୨୦୦୯-୧୪ ଏବଂ ବିଜେଡିରୁ ୨୦୦୦-୦୪ ଓ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅମର ବିଜୟୀ ହୋଇଛନ୍ତି । ଗତ ୨୦ବର୍ଷ ମଧ୍ୟରେ ବିଜେଡି ଓ ଏନ୍‌ସିପି ବିକଳ୍ପ ଶୂନ୍ୟ ଭାବେ ମାଡ଼ି ଚାଲିଛି । ୨୦୧୭ ଜିଲା ପରିଷଦ ନିର୍ବାଚନ ପରେ ବିଜେଡିକୁ ସାମାନ୍ୟ ଝଟ୍‌କା ଲାଗିଛି। ଏହି ନିର୍ବାଚନ ମଣ୍ଡଳିରେ ଗତ ଜିଲା ପରିଷଦ ନିର୍ବାଚନରେ ଭାଜପାର ଭୋଟହାର ୨୩.୪୩ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ବିଜେଡି ଓ କଂଗ୍ରେସର କେତେକ କୋଣଠେସା ନେତାଙ୍କୁ ଅଧିଗ୍ରହଣ କରିବାରେ ସଫଳ ହୋଇଛି । ୧୯ ନମ୍ବର ଜୋନର ବିଜେଡି ଜିଲା ପରିଷଦ ସଭ୍ୟ ଇତିଶ୍ରୀ ସାମଲ ସମାନ୍ତରାଳଭାବେ ବିଜେଡିକୁ ପରିଚାଳନା କରୁଛନ୍ତି । ବରିଷ୍ଠ ବିଜେଡି ନେତା ପ୍ରହଲ୍ଲାଦ ବିଧାୟକ ଅମରଙ୍କ ହାତ ଛାଡିଛନ୍ତି । ଅମରଙ୍କ ବିରୋଧରେ ବିଭିନ୍ନ ସମୟରେ ଟିଟୋ ଲିଙ୍କ, ଭୂତ ଗାଡ଼ି ଆଦି ଅପରାଧୀକ କାର୍ଯ୍ୟରେ ସହଯୋଗୀ ପାଲଟିଥିବା ଅଭିଯୋଗ ଆଣିଛନ୍ତି। ବିରୋଧି ଦଳ ଏହାକୁ ଅମୋଘ ଅସ୍ତ୍ର ଭାବେ ଗ୍ରହଣ କରି ନେଇଛନ୍ତି। ପିସିସି ସାଧାରଣ ସମ୍ପାଦକ ତଥା ଭୁବନେଶ୍ୱର ଜୟଦେବ ମଣ୍ଡଳୀରୁ ୨ ଥର କଂଗ୍ରେସରୁ ଲଢିଥିବା ଶୁଭେନ୍ଦୁ ମହାନ୍ତି ଏବେ ବଡ଼ଚଣା ମୁହାଁ ହୋଇଛନ୍ତି। ବଡ଼ଚଣା ନିର୍ବାଚନ ମଣ୍ଡଳିରେ ସେ ସକ୍ରିୟ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। କଂଗ୍ରେସର ଅନ୍ୟତମ ଯୁବନେତା ଭାବେ ପରିଚିତ ମହାନ୍ତି ଲୋକଙ୍କ ନିକଟତର ହୋଇ ପୂର୍ବ ଗୌରବ ଫେରାଇ ଆଣିବାକୁ କର୍ମୀଙ୍କୁ ଏକଜୁଟ କରିବାରେ ଲାଗିଛନ୍ତି। ୯ ମାସ ତଳେ ଜିଲା ରାଜନୀତିରେ ଯେଭଳି ଜନମତ ବଦଳିବା ଭଳି ବାତାବରଣ ସୃଷ୍ଟି ହୋଇଥିଲା, ବଡଚଣା ନିର୍ବାଚନ ମଣ୍ଡଳିରେ ତାହା ବଦଳିବାକୁ ଲାଗିଛି। ବଡ଼ଚଣାରେ ହେଉଥିବା ଦୁର୍ନୀତି ଓ ଅପରାଧିକ କାର୍ଯ୍ୟକୁ ବିରୋଧ କରି ସେ ଲୋକଙ୍କ ନିକଟତର ହେଉଛନ୍ତି। ଅପରପକ୍ଷରେ କଂଗ୍ରେସ ଟିକେଟରୁ ୩ଥର ବିଧାୟକ ହୋଇଥିବା ସୀତାକାନ୍ତ ମଧ୍ୟ ଲୋକଙ୍କ ନିକଟତର ହେବାରେ ଲାଗିଛନ୍ତି। ସେହିପରି ଗତ ପଞ୍ଚାୟତ ନିର୍ବାଚନ ପରେ ଭାଜପାକୁ ନୂତନ ଭାବେ ଯାଇଥିବା ସ୍ୱାଧୀନ ନେତା ଅମର ନାଏକ ଟିକେଟ ପାଇବା ଆଶାରେ ରହିଛନ୍ତି। ସେ ଗତ ନିର୍ବାଚନରେ ୨୬ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଁ ବିରୋଧି ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ। ୨୦୧୪ ବିଧାନସଭା ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥିନୀ ସିମନ୍ତିନୀ ଜେନା ତାଙ୍କ କେତେକ ପୁରୁଣା କର୍ମୀଙ୍କୁ ନେଇ ମଧ୍ୟ ସଂଗଠନ ଚଳାଇଛନ୍ତି। ବିଜେଡିରେ ବିଧାୟକ ଅମରଙ୍କ ସମେତ ଜଣେ ଆଇଏଏସ ଅଧିକାରୀ, ଇତିଶ୍ରୀ ସାମଲ, ପ୍ରହଲ୍ଲାଦ ନନ୍ଦ ପ୍ରମୁଖ ଟିକେଟ ଦୌଡରେ ରହିଛନ୍ତି । ଏଭଳିସ୍ଥିତିରେ ଦୀର୍ଘ ୪୦ବର୍ଷ ହେଲା ଦୁଇ ନିର୍ବାଚିତ ନେତାଙ୍କୁ ବାଦ ଦେଇ ଏଥର ନୂଆଁ ଚେହେରା ଦରକାର ବୋଲି ଭୋଟରଙ୍କ ମୁହଁରୁ ଶୁଣିବାକୁ ମିଳିଛି। ତେବେ ଏହି ଚର୍ଚ୍ଚା ଆଗାମୀ ଦିନରେ କେତେ କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି ।



ତୁମେ ତୁମର ସୁଖରେ ପରିବର୍ତ୍ତନ ଆଣିପାର, କିନ୍ତୁ କେବେହେଲେ ବନ୍ଧୁ ପରିବର୍ତ୍ତନ କରନାହିଁ।

- ଭଲଟାୟର



## ସଂକ୍ଷେପରେ

### ମଲୀପୁରକୁ ହରାଇ ରୁଦ୍ରପୁର ଚାମ୍ପିୟନ

ସିଂହପୁର,୭।୨(ଡିଏନଏ)- ସିଂହପୁର ନିକଟବର୍ତ୍ତୀ ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ସ୍ୱସ୍ତି ଆଦର୍ଶ ଯୁବ ସଂଘ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ମଲୀପୁର କ୍ରିକେଟ ଟିମକୁ ହରାଇ ରୁଦ୍ରପୁର ସ୍ପୋର୍ଟିଂ କ୍ଲବ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭାଜପା ନେତା ବିଶ୍ୱରଞ୍ଜନ ମଲିକ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ଦାସ, ସମିତିସଭ୍ୟା ସୁମିତ୍ରା ଦାସ, ପ୍ରଫୁଲ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମଲିକ ଚାମ୍ପିୟନ ଟିମ୍‌କୁ ଅର୍ଥ ଓ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଯୁବକ ସଂଘର ପାର୍ଥସାରଥି ନାୟକ, ଜ୍ଞାନେନ୍ଦ୍ର ରାଉତ, ପ୍ରଭାତ ନାୟକ, ଆଶିଷ ମଲିକ, ସୁଶାନ୍ତ ବେହେରା, ସୁଶିଲ ଦାସ, ଦିବ୍ୟରଞ୍ଜନ ମଲିକ, ଅରୁପ ଦାସ ଓ କଳିଙ୍ଗ ନାୟକ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ପୁଣି ସାଦକପୁର ସ୍କୁଲ ନିକଟରେ ଦୁର୍ଘଟଣା
### ଛାତ୍ରୀ ଆହତ, ହମ୍ପ୍‌ସ ନିର୍ମାଣ ଦାବି

କୋରେଇ,୭।୨(ନି.ପ୍ର)- କୋରେଇ ବ୍ଲକ ଅନ୍ତର୍ଗତ ସାଦକପୁର ସ୍କୁଲଟି ରାସ୍ତାକଡରେ ହୋଇଥିବା ବେଳେ ଉକ୍ତ ସ୍କୁଲ ସମ୍ମୁଖରେ ହମ୍ପ୍‌ସ ନାହିଁ ଫଳରେ ବାରମ୍ବାର ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହେଉଛନ୍ତି। ଗୁରୁବାର ଜଣେ ୨ୟ ଶ୍ରେଣୀର ଛାତ୍ରୀ ରାସ୍ତା ପାର ହେଉଥିବା ବେଳେ ବାଇକ୍ ଦ୍ୱାରା ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉକ୍ତ ସ୍କୁଲ ସମ୍ମୁଖରେ ୨ଟି ହମ୍ପ୍‌ସ ନିର୍ମାଣ ପାଇଁ ବାରମ୍ବାର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ପୋଲିସ ଅଧିକାରୀ ଏପରିକି ଜିଲାପାଳଙ୍କ ଜନଶୁଣାଣିରେ ଜଣାଯାଇଥିଲେ ମଧ ତାହା କେବଳ ଫଳକରେ ସୀମିତ ରହିଛି। ବିଭାଗ ପକ୍ଷରୁ ଏହି ଦାବିକୁ ବାରମ୍ବାର ଅଣଦେଖା କରାଯିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ତୁରନ୍ତ ହମ୍ପ୍‌ସ ନିର୍ମାଣ ପାଇଁ ଅଭିଭାବକଙ୍କ ସମେତ ପରିଚଳନା କମିଟି ଓ ସାଧାରଣରେ ଦାବି ହୋଇଛି।

### ୧୨ରେ ବିଧାନସଭା ଘେରିବ ବେସରକାରୀ କଲେଜ ଶିକ୍ଷକ ସଂଘ

ଯାଜପୁର ରୋଡ,୭।୨(ନି.ପ୍ର)- ୧୫ଦଫା ଦାବିରେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ଆସନ୍ତା ୧୨ ତାରିଖ ବିଧାନସଭା ଘେରିବ। ଏହା ସହିତ ୩୦ ହଜାରରୁ ଉର୍ଦ୍ଧ୍ୱ ଅଧାପିକାଅଧାପକ ଓ କର୍ମଚାରୀ ଧାରଣା ଦେବେ ବୋଲି ଗୁରୁବାର ଖବରଦାତା ସମ୍ମିଳନୀରେ ଯାଜପୁର ରୋଡଠାରେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ନାୟକ ପ୍ରକାଶ କରିଛନ୍ତି। ବ୍ଲକଗ୍ରାଣ୍ଟ ଅଧାପିକାଅଧାପକଙ୍କୁ ସପ୍ତମ ବେତନ କମିଶନରେ ଦରମା, ୧।୧।୨୦୧୬ରୁ ୧।୧୦।୨୦୧୭ ପର୍ଯ୍ୟନ୍ତ ସମସ୍ତ ବକେୟା ଅର୍ଥ ପ୍ରଦାନ, ୨୦୧୪ ପଦୋନ୍ନତି ନିୟମରେ ଥିବା ଅସଂଗତି ଦୂର କରିବା, ଅବସର ବୟସ ସୀମା ୭୨କୁ ବୃଦ୍ଧି, କଲେଜରେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସ୍ଥାୟୀ କରି ଅନୁଦାନ ଦେବା ଆଦି ୧୫ ଦଫା ଦାବିରେ ଧାରଣା ଦିଆଯିବ ବୋଲି କୁହାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଶିକ୍ଷାମାରଣ ନୀତି ବିରୋଧରେ ଆସନ୍ତା ୧୯ରେ ଛାତ୍ର, ଶିକ୍ଷକ, କର୍ମଚାରୀଙ୍କର ଦିଲ୍ଲୀ ସଂସଦ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ନାୟକ ଖବରଦାତା ସମ୍ମିଳନୀରେ ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ରାଉତ, ସହସମ୍ପାଦକ ରଞ୍ଜନ କୁମାର ସାହୁ, କୁଶ ଚନ୍ଦ୍ର ପ୍ରଧାନ, ଶିବ ଚରଣ ମାଝୀ ପ୍ରମୁଖ ପ୍ରକାଶ କରିଥିଲେ।

### ଓଡ଼ିଶା ମୋଟର ଚାଳକ ସଂଘର ବୈଠକ

କୋରେଇ,୭।୨(ସ୍ୱ.ପ୍ର)- ଓଡ଼ିଶା ମୋଟର ଚାଳକ ସଂଘର ବୈଠକ ଗୁରୁବାର ପାଣିକୋଇଲି ଶାଖାର ବୈଠକ ମା' ତାରିଣୀ ଟ୍ୟାକ୍ସି ଓ ପିକ୍‌ଅପ୍ ଆସୋସିଏଶନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଂଘ ସମ୍ପାଦକ ଭରତ ଚନ୍ଦ୍ର ରାଉତ, କୋଷାଧକ୍ଷ ରଞ୍ଜନ କୁମାର ସାହୁ ଯୋଗ ଦେଇଥିଲେ। ପାଣିକୋଇଲି ଶାଖାର ଅଶୋକ କୁମାର ଦାସ, ବିଦ୍ୟାଧର ନାୟକ, ଶ୍ରୀଧର ଜେନା, ଦେବ ପ୍ରସାଦ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଡକ ସୁରକ୍ଷା ସପ୍ତାହ ଅବସରରେ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା। ୩୦ରୁ ଉର୍ଦ୍ଧ୍ୱ ମୋଟରଚାଳକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ମତାମତ ରଖିଥିଲେ।

# କାଗଜକଲମରେ ଆତ୍ମସୁରକ୍ଷା ତାଲିମ ଶିବିର

- ଶିବିରରେ ଯୋଗ ଦେଇନଥିବା ଛାତ୍ରୀଙ୍କ ନାମରେ ହେଉଛି ରିପୋର୍ଟ
- କୁହୁଡି ଯୋଗୁ ପିଲାଙ୍କ ସଂଖ୍ୟା କମୁଛି : ଅଧକ୍ଷ

ରସୁଲପୁର,୭।୨(ଡି.ଏନ୍.ଏ.)



ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର କଲେଜ,କଲଣରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର କାଗଜ କଲମରେ ସୀମିତ ରହିଛି। ଏଠାରେ ଅନୁଷ୍ଠିତ ତାଲିମ ଶିବିରରେ ଶିବିରାର୍ଥୀମାନେ ଯୋଗ ନ ଦେଇଥିଲେ ମଧ ସେମାନଙ୍କ ନାମରେ ମନଗଢା ରିପୋର୍ଟ ପ୍ରସ୍ତୁତ କରାଯାଇ ଅର୍ଥ ହଡ଼ପ କରାଯାଇଛି । ପୂର୍ବବର୍ଷ ବାଳିକା ଆତ୍ମରକ୍ଷା ତାଲିମ ଶିବିର ହାତଗଣିତ କେଇଜଣ ଛାତ୍ରୀଙ୍କୁ ନେଇ ଆୟୋଜନ କରାଯାଇ ଅର୍ଥ ବାଟମାରଣା କରାଯାଇଥିଲା । ଚଳିତ ବର୍ଷ ମଧ ସମାନ ତ୍ରୁଟିକୁ ଦୋହରା ଯାଇଛି। ଏସବୁ ନୋଡାଲ କେନ୍ଦ୍ର ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ଘଟୁଛି। ଏଥିପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ କଲେଜର କର୍ତ୍ତୃପକ୍ଷ ଶିବିର ଆୟୋଜନ ନାମରେ ଚଞ୍ଚକତା ଆଚରଣ ଅବଲମ୍ବନ କରୁଛନ୍ତି। ଏନେଇ ତଦନ୍ତ କରାଯାଇ ଶିବିର ଆୟୋଜନରେ ହୋଇଥିବା ଅନିୟମିତତାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତ ୨୫ତାରିଖରେ କଲଣ କଲେଜରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟନ ହୋଇଥିଲା। ଏଥିପାଇଁ କଲେଜକୁ ୨୪୦ଜଣ ଶିବିରାର୍ଥୀଙ୍କ ଟିଫିନ୍, ପ୍ରମାଣପତ୍ର ଓ ୪ଜଣ ପ୍ରଶିକ୍ଷିକାଙ୍କ ପାଉଣା ଆଦି ବାବଦକୁଁ ୬୦ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଏହି କ୍ରମରେ କଲେଜ ପକ୍ଷରୁ ଯୁକ୍ତ୨ ଓ ଯୁକ୍ତ୩ ଶ୍ରେଣୀର ଛାତ୍ରୀଙ୍କୁ ନେଇ ଏକ ତାଲିକା ମଧ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ତାଲିକା ମୁତାବକ ଶିବିରାର୍ଥୀମାନଙ୍କୁ ୪ଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗୋଷ୍ଠୀରେ ୬୦ଜଣ ବାଳିକାଙ୍କୁ ସ୍ଥାନ ଦିଆଯାଇଥିଲା। ଏଥିପାଇଁ କଲେଜ ପକ୍ଷରୁ ୪ଜଣ ପ୍ରଶିକ୍ଷକଙ୍କୁ ତାଲିମ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହି ମୁତାବକ ତାଲିମ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଦ୍‌ଘାଟନ ଓ ଉଦ୍‌ଯାପନ ଦିବସ କେବଳ ଭାଷଣରେ ସିମୀତ ରହିଥିଲା। ବାକି ୧୦ ଦିନ ମଧ୍ୟରେ ଜାନୁୟାରୀ ୨୬ତାରିଖକୁ ଛୁଟି ଭାବରେ ଘୋଷଣା କରାଯାଇଥିଲା। ବାକି ୯ଦିନରୁ ମଧ୍ୟରୁ ମାତ୍ର ୩ରୁ ୪ଦିନକୁ ଶିବିର ଅବଧିକୁ କମାଇ ଦିଆଯାଇଥିଲା। ଏପରି କି ୪ଟି ଗ୍ରୁପ୍ ବଦଳରେ ଗୋଟିଏ ଗ୍ରୁପ୍‌ରେ ପ୍ରଶିକ୍ଷଣ ଶିବିର ସିମୀତ ରହିଥିଲା। ତା ପୁଣି ଅଳ୍ପ କେତେଜଣ ଛାତ୍ରୀ ଶିବିରାର୍ଥୀ ଭାବରେ ଯୋଗଦେଇ ଥିଲେ। ଶିବିରକୁ ଆଦୌ ଆସି ନ ଥିବା ଛାତ୍ରୀ ଓ ପ୍ରଶିକ୍ଷିକାଙ୍କ ଦସ୍ତଖତ ସଂଗ୍ରହ କରାଯାଇ ରେକର୍ଡ ପ୍ରସ୍ତୁତ କରାଯାଇଥିଲା। ଏପରି କି ଶିବିର ସମ୍ପର୍କରେ ଆଦୌ ଜାଣି ନ ଥିବା ଛାତ୍ରୀମାନଙ୍କୁ ଉପସ୍ଥାନ ଖାତାରେ ଦସ୍ତଖତ କରିବାକୁ କୁହାଯାଇଥିଲା। ଅଧାପକଙ୍କ କଥାରେ ଛାତ୍ରୀମାନେ ଦସ୍ତଖତ ମାରିଦେଇଥିଲେ। ଶିବିରାର୍ଥୀଙ୍କ ପାଇଁ ଆସିଥିବା ଜଳଖିଆ ବାବଦ ଅର୍ଥକୁ ହଡପ କରାଯାଇଛି ବୋଲି ବୋଲି କେତେକ ଛାତ୍ରୀ ଅଭିଯୋଗ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଖୁବ୍ କମ୍ ସଂଖ୍ୟକ ଶିବାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି, କିନ୍ତୁ ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ କଲେଜରେ ଆୟୋଜନ ହେଉଥିବା ପ୍ରତ୍ୟେକ ଦିବସ ଶିବିରର ଭିଡିଓ କ୍ଲିପିଂ ପ୍ରସ୍ତୁତ କରାଯାଇଥିଲେ ବାସ୍ତବ ସତ୍ୟ ପଦାକୁ ଆସି ପାରି ଥାଆନ୍ତା। ଚଳିତ ଶିବିରରେ ହୋଇଥିବା ଅନିୟମିତା ସମ୍ପର୍କରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ଏ ସମ୍ପର୍କରେ କଲେଜର ଅଧକ୍ଷ କୁଶଧର ପଣ୍ଡାଙ୍କୁ ପଚାରିବାରୁ କମ୍ ସଂଖ୍ୟକ ଉପସ୍ଥାନ ଅଭିଯୋଗକୁ ସ୍ୱୀକାର କରିବାସହ ଏଥିପାଇଁ ସକାଳୁଆ କୁହୁଡ଼ିକୁ ଦାୟୀ କରିଛନ୍ତି। ଏସମ୍ପର୍କରେ ନୋଡାଲ ଅଧିକାରୀଙ୍କ ସହ ଯୋଗାଯୋଗ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି ବୋଲି ମତ ପ୍ରକାଶ କରିଛନ୍ତି।

## ଚେତନା ମହାଧିବେଶନର ୭ମ ଦିନ
# ନରସିଂହ ବେଶରେ ଜଗନ୍ନାଥ



ଚତୁର୍ଦ୍ଧାମୂର୍ତ୍ତିଙ୍କ ନରସିଂହ ବେଶ ।

ବିରଜାକ୍ଷେତ୍ର,୭।୨(ଡି.ଏନ୍.ଏ)

ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଗତ ୧ ତାରିଖରୁ ଜଗନ୍ନାଥ ଚେତନା ମହାଧିବେଶନ ଆରମ୍ଭ ହୋଇଛି। ଏହି ମହାଧିବେଶନ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ମହାଧିବେଶନ ସପ୍ତମ ଦିନରେ ପହଞ୍ଚିଛି। ବାଳାଶ୍ରମ ପଡ଼ିଆରେ ଅସ୍ଥାୟୀ ପୁରୀ ମନ୍ଦିର ସଦୃଶ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି। ବାଳାଶ୍ରମ ପଡ଼ିଆଟି ଦ୍ୱିତୀୟ ଶ୍ରୀକ୍ଷେତ୍ର ଭଳି ଶୋଭାପାଉଛି। ସପ୍ତମ ଦିନରେ ଅସ୍ଥାୟୀ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ନରସିଂହ ବେଶରେ ସଜ୍ଜିତ କରାଯାଇଛି। ସପ୍ତମ ଦିନ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ହେବା ପରେ ସକାଳ ୭ଟାରେ ପ୍ରଭୁ ଜଗନ୍ନାଥଙ୍କ ପହୁଡ଼ ଖୋଲିଥିଲା। ଦିନସାରା ପ୍ରଭୁ ଜଗନ୍ନାଥଙ୍କ ବିଧିବିଧାନ ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ ହେବାପରେ ରାତ୍ର ୧୦ଟାରେ ପ୍ରଭୁଙ୍କ ପହୁଡ଼ ହୋଇଥିଲା। ଏହି ଜଗନ୍ନାଥ ଚେତନା ଅଧିବେଶନ ସ୍ଥଳରେ ମହାବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହେଉଛି। ମହାଯଜ୍ଞ ସପ୍ତମ ଦିନରେ ପହଞ୍ଚିଛି। ଯଜ୍ଞକୁ ସକାଳୁ ବୈଦିକ ରୀତିରେ ପୂଜାର୍ଚ୍ଚନା ହେବାପରେ ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ଶେଷ ହୋଇଥିଲା। ଅସ୍ଥାୟୀ ଜଗନ୍ନାଥ ମନ୍ଦିରକୁ ଲାଗି ଜଗନ୍ନାଥଙ୍କ ବେଶ, ମନ୍ତ୍ର, ତତ୍ତ୍ୱ ପ୍ରଭୃତି ଶୋଭାପାଉଛି। ସପ୍ତମ ଦିନରେ ଏହି ଅସ୍ଥାୟୀ ଶ୍ରୀକ୍ଷେତ୍ରରେ ପ୍ରାୟ ୪୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ ସହ ଭଜନ ପରିବେଷଣ କରାଯାଇଥିଲା।

## ରାଜ୍ୟସ୍ତରୀୟ ଡିଯ୍ୟୁ ଫ୍ରେଣ୍ଡ୍‌ସ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ
# ସେମିଫାଇନାଲରେ ଜୁଭେନାଇଲ ବିଜୟୀ

ଚଣ୍ଡିଖୋଲ, ୭।୨(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା ଖେଳ ପଡ଼ିଆରେ ଚଣ୍ଡିଖୋଲ ଫ୍ରେଣ୍ଡ୍‌ସ ସ୍ପୋର୍ଟ ଆଣ୍ଡ କଲଚୁରାଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ୮ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଏହି ଅବସରରେ ଆୟୋଜତ ମ୍ୟାଚ୍‌ରେ ଜୁଭେନାଇଲ କ୍ରିକେଟ୍ କ୍ଲବ କଟକ ଫ୍ରେଣ୍ଡ୍‌ସ କ୍ରିକେଟ କ୍ଲବ ଚଣ୍ଡିଖୋଲକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଜୁଭେନାଇଲ କ୍ରିକେଟ୍ କ୍ଲବ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଜବାବରେ ଫ୍ରେଣ୍ଡ୍‌ସ କ୍ରିକେଟ୍ କ୍ଲବ୍ ୧୫୭ ରନ୍ ମଧ୍ୟରେ ସମସ୍ତ ଉକକେଟ ହରାଇ ପରାଜୟ ସ୍ୱୀକାର କରିଥିଲା। ଜୁଭେନାଇଲ କ୍ରିକେଟ୍ ଦଳ ପକ୍ଷରୁ ସୁବ୍ରତ ସାମଲ ସର୍ବାଧିକ ୬୮ ରନ୍ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କ୍ଲବ୍‌ର ପୂର୍ବତନ ସମ୍ପାଦକ ବିମଳ କୁମାର ପୃଷ୍ଟି, ଯୁବ ସମାଜିକ କର୍ମୀ କିଶୋର ପଲେଇ ଯୋଗଦେଇଥିଲେ। ଇନ୍ତେକାମ ଆଲାମ୍ ଓ ଯିତେନ୍ଦ୍ର ନାୟକ ଖେଳ ପରିଚାଳନା କରିଥିଲେ। ଦେବେନ୍ଦ୍ର ଜେନା, ଆଶୁତୋଷ ମହାରଣା, କ୍ରିଡ଼ରାଜ ସ୍ୱାଇଁ, ରଜତ୍ ମହାନ୍ତି, ପ୍ରମୋଦ ସେନାପତି, ବିଭାସ ବିଶ୍ୱାଳ, ବିଭୁପ୍ରସାଦ ମାହାଲା, ଅରବିନ୍ଦ ମହାପାତ୍ର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ନିମ୍‌ପୁର ସ୍ପୋର୍ଟ ଜଗତପୁର ଓ ପାରାମାଉଣ୍ଟ କ୍ରିକେଟ୍ କ୍ଲବ ମଧ୍ୟରେ ଅନଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।




ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

### ଗୋଲାପ ଫୁଲ ଦେଇ ସଚେତନ କରାଇଲେ ଛାତ୍ରୀଛାତ୍ର

ଯାଜପୁର ରୋଡ,୭।୨(ନି.ପ୍ର)

ସଡ଼କ ସୁରକ୍ଷା ଉପଲକ୍ଷେ ସ୍ଥାନୀୟ ରିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ ତରଫରୁ ସଡକ ସୁରକ୍ଷା ସପ୍ତାହ ଗୁରୁବାର ପାଳନ କରାଯାଇଥିଲା। ସଡକ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରମାନେ ଲୋକଙ୍କୁ ଗୋଲାପ ଦେଇ ଓ ହାତରେ ରାଖି ବାନ୍ଧି ସଡ଼କ ସୁରକ୍ଷାର ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ରମାନେ ଗଣେଶବଜାରରୁ ଏକ ଶୋଭାଯାତ୍ରାରେ ବାହାରି ସଚେତନ କରିଥିଲେ। ଲୋକଙ୍କୁ ହେଲମେଟ୍ ପିନ୍ଧିବା ପାଇଁ କହିବା ସହିତ କାର୍ ଚାଳକ ସିଟ୍ ବେଲ୍ଟ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ସ୍କୁଲ ଅଧକ୍ଷ ଦିଗନ୍ତ ରାଉତ, ଉପାଧକ୍ଷ ସୁବାଷ ଚନ୍ଦ୍ର ସାହୁ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୨ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି ।

ଦଶରଥପୁର,୭।୨(ଡିଏନ୍ଏ)

ଦଶରଥପୁର ବ୍ଲକ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରଡଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବଡକୁଆଁଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ହେମନ୍ତ କୁମାର ବେହେରା, ସନ୍ଦିପନା ସେନାପତି, ବିଜୟ କୁମାର ସାହୁ, ରଡଗାଁ, ବଡକୁଆଁଲ ଏବଂ କୟାଁଗୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ଅଧକ୍ଷା ତଥା ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ବିଏଏମ୍ ଅଜୟ କୁମାର କର, ଫାର୍ମାସିଷ୍ଟ ରଞ୍ଜନ କୁମାର ମାଝି, ଆଟେଣ୍ଡାଣ୍ଟ ପ୍ରତାପ ସାହୁ ଓ ରଞ୍ଜନ ମଲ୍ଲିକ୍ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଦୁଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ବସିଥିବା ଏହି ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ସମସ୍ୟାଗୁଡିକ ଉପରେ ସମାଧାନ କରିବା ଓ ଏହାର ଉନ୍ନୟନମୂଳକ କାର୍ଯ୍ୟ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ସିକ୍ୟୁରିଟି କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା/ଜେନାପୁର, ୭।୨(ଡି.ଏନ୍.ଏ.)

ଜେନାପୁର ଥାନା ଅନ୍ତର୍ଗତ ବାଲିସାହି ନିକଟରେଥିବା ମାହାଲା କୋକ୍ ଫ୍ୟାକ୍ଟ୍ରି ସିକ୍ୟୁରିଟି କର୍ମଚାରୀଙ୍କ ବୁଧବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ କେନ୍ଦୁଝର ଜିଲା ଘସିପୁର ଥାନା ଅଧୀନ ଟୋଲଙ୍କପଡ଼ା ଗ୍ରାମର ନରେନ୍ଦ୍ର ପଣ୍ଡା (୫୦)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୧/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ କରୁଛି । ସେ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ମାହାଲା ଫ୍ୟାକ୍ଟ୍ରି ସିକ୍ୟୁରିଟି ଗାର୍ଡଭାବେ କାମ କରୁଥିଲେ। ନରେନ୍ଦ୍ର ବୁଧବାର ସନ୍ଧ୍ୟାରେ ଅଚାନକ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଜମି ଜବରଦଖଲକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା
# କାର୍‌ରୁ ମାରଣାସ୍ତ୍ର ସହ ଟଙ୍କା ଜବତ

ଧର୍ମଶାଳା, ୭।୨(ଡି.ଏନ୍.ଏ.)–

ଧର୍ମଶାଳା ଥାନା ଅନ୍ତର୍ଗତ ଶଙ୍ଖାରିଡିହ ମୌଜାର ଟିକରସାହିଠାରେ ଗୋଚର ଜମି ଜବର ଦଖଲବେଳେ ଗ୍ରାମବାସୀଙ୍କ ପକ୍ଷରୁ ଜବତ ହୋଇଥିବା କାର୍‌ରୁ ପୋଲିସ ମାରଣାସ୍ତ୍ର ସହ ଟଙ୍କା ଜବତ କରିଛି। ବୁଧବାର ଧର୍ମଶାଳା ଥାନା ଏସ୍‌ଆଇ ଅନିଲ କୁମାର ଓ ଏଏସ୍‌ଆଇ ନିରଞ୍ଜନ ବେହୁରିଆ କାର୍‌କୁ ଗ୍ରାମବାସୀଙ୍କ ଉପସ୍ଥିତିରେ ଯାଞ୍ଚ କରିଥିଲେ । ଏହି ସମୟରେ ପୋଲିସ କାର୍‌ରୁ ଏକ ଫାର୍ଶା, ଲୁହାରଡ, କାଠ ବେଣ୍ଟ ଓ ନଗଦ ୧୯ ହଜାର ୮୩୦ଟଙ୍କା ଜବତ କରିଥିଲା। ଗୁରୁବାର ପୋଲିସ ଉକ୍ତ କାର୍‌କୁ ଜବତ କରି ଥାନାକୁ ଆଣିଛି।

ପ୍ରକାଶ ଯେ, ଟିକରସାହିଠାରେ ଥିବା ଏକ ବେସରକାରୀ ଜମି ସଲଗ୍ନ ସରକାରୀ ଜମି ଦଖଲକୁ ନେଇ ଟିକରସାହି ଆଦିବାସୀ ଓ ବିଲ୍ଡର ସଂସ୍ଥାର କେତେଜଣ ସମର୍ଥକଙ୍କ ମଧ୍ୟରେ ମଙ୍ଗଳବାର ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ୧୦ ଜଣ ଆହତ ହୋଇଥିଲେ। ତେବେ ବିଲ୍ଡର କମ୍ପାନୀ ପକ୍ଷରୁ ବ୍ୟବହୃତ (ଓଡି– ୦୨– ଏଏକ୍ସ–୮୩୩୩) କାର୍‌ରେ ମାରଣାସ୍ତ୍ର ଥିବା ସନ୍ଦେହ କରି ଗ୍ରାମବାସୀ କାର୍‌କୁ ଜବତ ରଖିଥିଲେ। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ଥାନରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଥିଲା।

# ଭଉଣୀକୁ ଅପହରଣ ପରେ ବଳାତ୍କାର: ଅଭିଯୁକ୍ତ କୋର୍ଟଚାଲାଣ

ବାଲିଚନ୍ଦ୍ରପୁର,୭।୨(ସ୍ୱ.ପ୍ର)

ନିଜ ଦାଦା ଝିଅ ଭଉଣୀକୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଭାଇକୁ ଗିରଫ କରି କୋର୍ଟଚାଲାଣ କରିଛି। ଏଭଳି ଏକ ଲଜ୍ୟାଜନକ ଘଟଣା ଘଟିଛି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ। ପ୍ରକାଶ ଯେ, ଉକ୍ତ ଅଞ୍ଚଳର ପ୍ରଶାନ୍ତ ଦଳାଇ (୨୭) ନିଜ ଦାଦା ଝିଅ ଭଉଣୀଙ୍କୁ ଅପହରଣ କରିବା ପରେ ବଳାତ୍କାର କରିଥିଲେ। ଏନେଇ ପୀଡିତାଙ୍କ ପରିବାର ଲୋକେ ଗତ ୫ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥଲେ। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ ୩୧/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତଜଣକ ବଡଚଣା ଥାନା ଆରୁହା ଅଞ୍ଚଳରେ ନାବାଳିକାଙ୍କୁ ରଖିଥିବା ପୋଲିସ ଖବରପାଇ ସେଠାରେ ଚଢାଉ କରିଥିଲା। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ସହ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରଶାନ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଥାଉକି, ଅଭିଯୁକ୍ତ ଜଣକ ବିବାହିତ ହୋଇଥିବା ବେଳେ ତାଙ୍କର ୨ଟି ସନ୍ତାନ ଅଛନ୍ତି।

# କଂଗ୍ରେସ ଦଳିତ ସେଲ୍‌ର ବୈଠକ



ବୈଠକରେ ଉପସ୍ଥିତ କଂଗ୍ରେସ କର୍ମୀ ।

ବରୀ,୭।୨(ସ୍ୱ.ପ୍ର)

ଯାଜପୁର ଜିଲା ବରୀ ବ୍ଲକ କଂଗ୍ରେସ ଦଳିତ ସେଲ୍‌ର ବୈଠକ ବୁଧବାର ସନ୍ଧ୍ୟାରେ ବରୀ ମାଉଣ୍ଡସ୍ଥିତ ଏସଡି ମାର୍କେଟ କମ୍ପ୍ଲେକ୍ସ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତି ସଭ୍ୟ ମାନସ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଆବାହକ ଅଶୋକ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳିତ ସେଲ୍‌ର ସମସ୍ତ କର୍ମକର୍ତ୍ତାଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ବରୀ ବ୍ଲକ କଂଗ୍ରେସ ଦଳିତ ସେଲ୍ ପକ୍ଷରୁ ଫୁଲତୋଡା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବିଭୁପ୍ରସାଦ ତରାଇଙ୍କୁ କୃତଜ୍ଞତା ଜଣାଯାଇଥିଲା। ଚଳିତମାସ ଶେଷ ସପ୍ତାହରେ ଦଳିତ ସେଲ୍‌ର ସମ୍ମାନ ସମାବେଶ ବରୀ ନିର୍ବାଚନ ମଣ୍ଡଳୀରେ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏହି ବୈଠକରେ ରାମ ଚନ୍ଦ୍ର ବେହେରା, ଯୁଗଳ କିଶୋର ପରିଡା, ବିଷ୍ଣୁଚନ୍ଦ୍ର ବେହେରା, ବଳରାମ ବେହେରା, ଗଣେଶ୍ୱର ଦାସ, ରୁଲା ମଲିକ, ବରିଷ୍ଠ କଂଗ୍ରେସ କର୍ମୀ ସୁବାସ ଚନ୍ଦ୍ର ଜେନା, ବୈକୁଣ୍ଠ ଜେନା, ନାୟା ବେହେରା, ରୁଞ୍ଜି ବେହେରା, ଦଣ୍ଡପାଣି ମହାନ୍ତି, ମୁନା ଜେନା, ଉଦୟନାଥ ବେହେରା, ଶୁକଦେବ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଗଣେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀଙ୍କ ସନ୍ଦେହଜନକ ମୃତ୍ୟୁ
# ପୋଲିସ ଏତଲା ନ ରଖିବାରୁ ବିଷ ପିଇଲେ ସ୍ତ୍ରୀ

କୋରେଇ,୭।୨(ସ୍ୱ.ପ୍ର)

**ବାପା, ଭାଇଙ୍କ ମାଡ଼ରେ ରଞ୍ଜନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ**

କୋରେଇ ଥାନା ଅନ୍ତର୍ଗତ ତାହାରପୁର ପଞ୍ଚାୟତ ସାଆନ୍ତରାପୁର (ସାନବେରୁଣ୍ଡପୁର) ଗ୍ରାମର ନବଘନ ପରିଡ଼ାଙ୍କ ପୁଅ ରଞ୍ଜନ (୩୫)ଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ଗୁରୁବାର ଉଦ୍ଧାର କରାଯାଇଥିଲା। ରଞ୍ଜନଙ୍କ ବାପା ଓ ଭାଇ ମିଶି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ସ୍ତ୍ରୀ ଗେହ୍ଲୀ। ମାତ୍ର ପୋଲିସ ତାଙ୍କର ଏହି ଅଭିଯୋଗକୁ ଗ୍ରହଣ ନ କରିବାରୁ ଗେହ୍ଲୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ୨୦୧୬ରେ ରଞ୍ଜନ ଜହ୍ନା ପଞ୍ଚାୟତ ବ୍ରାହ୍ମଣବାଡ଼ ଗ୍ରାମର ମହେଶ୍ୱର ନାୟକଙ୍କ ଝିଅ ଗେହ୍ଲୀ (୨୫)ଙ୍କୁ ବିବାହ କରିଥିଲେ। ୩ଦିନ ତଳେ ମହେଶ୍ୱରଙ୍କ ଦେହ ଖରାପ ହେବାରୁ ରଞ୍ଜନ ଓ ଗେହ୍ଲି ତାଙ୍କ ଘରକୁ ଯାଇଥିଲେ। ବୁଧବାର ରାତିରେ ରଞ୍ଜନ ଫେରିବା ପରେ ତାଙ୍କ ସହିତ ବାପା ନବଘନଙ୍କର ବଚସା ହୋଇଥିଲା। ଫଳରେ ନବଘନ ଓ ବଡ ଭାଇ ସଞ୍ଜୟ ମିଶି ରଞ୍ଜନଙ୍କୁ ମାଡ଼ ମାରିଥିଲେ। ଏହାପରେ ସେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଦେଇଥିବା ସଞ୍ଜୟ ଗୁରୁବାର ସକାଳୁ ଦେଖିଥିଲେ ବୋଲି ନବଘନ ପ୍ରକାଶ କରିଛନ୍ତି। ହେଲେ ନବଘନଙ୍କ ବଡ଼ପୁଅ ମୁରଲୀଧର ଭିନ୍ନ ମତ ରଖିଛନ୍ତି। ରଞ୍ଜନ ରାତିରେ ଫେରିବା ପରେ ବାପା ଓ ସଞ୍ଜୟ ମିଳିମିଶି ରଞ୍ଜନକୁ ମାଡ ମାରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଯାଇ ଉଭୟ ତାଙ୍କ ମୃତଦେହକୁ ଫ୍ୟାନ୍‌ରେ ଟାଙ୍ଗି ଦେଇଥିବା ମୁରଲୀଧର ପ୍ରକାଶ କରିଛନ୍ତି। ରଞ୍ଜନଙ୍କ ସ୍ତ୍ରୀ ଏବଂ ଶ୍ୱଶୂର ଘର ଲୋକ ମଧ ସମାନ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ ନବଘନଙ୍କ ଅଭିଯୋଗକୁ ଆଧାର କରି ଏକ ଅପମୃତ୍ୟୁ ମାମଲା (ନଂ. ୩/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଗେହ୍ଲୀ କୋରେଇ ଥାନାରେ ରଞ୍ଜନଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ ହେଁ ପୋଲିସ ଏତଲା ଗ୍ରହଣ କରି ନ ଥିଲା। ଫଳରେ ନିରାଶ ହୋଇ ସେ ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଯାଜପୁରରୋଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ କୋରେଇ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଗେହ୍ଲୀଙ୍କ ଅବସ୍ଥା ଦେଖି ତାଙ୍କ ମା' ମଧ ଚେତାଶୂନ୍ୟ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଏତଲା ଗ୍ରହଣ ନ କରିବାରୁ ଗେହ୍ଲୀଙ୍କ ବାପଘର ଲୋକେ ଓ ଗ୍ରାମବାସୀ କୋରେଇ ଥାନାରେ ବସି ରହିଥିଲେ। ହେଲେ କୋରେଇ ପୋଲିସ ଅପମୃତ୍ୟୁ ମାମଲା ରୁଜୁ ହେବା ପରେ ହତ୍ୟା ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଥିଲା। ଯାହାକୁ ନେଇ ବାପଘର ଲୋକେ ଶୁକ୍ରବାର ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ତେବେ ଏନେଇ କୋରେଇ ଥାନାଧିକାରୀ ଚିନ୍ମୟୀ ସାହୁଙ୍କୁ ପଚାରିବାରୁ, ରଞ୍ଜନଙ୍କ ବାପାଙ୍କ ଅଭିଯୋଗକୁ ଆଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଭିଡ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୮ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ୨ଲୁଟେରା ଗିରଫ

ପଚ୍ଚାମୁଣ୍ଡାଇ, ୭।୨ (ସ୍ୱ.ପ୍ର) : ପଚ୍ଚାମୁଣ୍ଡାଇ ଅଞ୍ଚଳରେ ବିଳମ୍ବିତ ରାତିରେ ରାସ୍ତାରେ ରାହାଜାନୀ କରିବା ଓ ଭୁଜାଲି ଦେଖାଇ ଟଙ୍କା ଲୁଟ୍ କରିବା ଘଟଣାରେ ୨ଫେରାର ଲୁଟେରାଙ୍କୁ ପଚ୍ଚାମୁଣ୍ଡାଇ ପୋଲିସ ଗୁରୁବାର ଗିରଫ କରିବାରେ ସଫଳ ହୋଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ସ୍ଥାନୀୟ ଗୋବିନ୍ଦପୁର ଗ୍ରାମର ବରଦାପ୍ରସନ୍ନ ନାୟକ(୧୯) ଓ ଷଣ୍ଢପଲ୍ଲୀ-କୈଳାସୀ ଗ୍ରାମର ଚନ୍ଦନ ବେହେରା(୨୧) ଗତ ୧୯ତାରିଖ ରାତିରେ ପଚ୍ଚାମୁଣ୍ଡାଇ ବାଇପାସ ନିକଟରେ ଟ୍ରକ୍ ଅଟକାଇ ଚାଳକଙ୍କ ବେକରେ ଭୁଜାଲି ଲଗାଇ ୭ହଜାର ଟଙ୍କା ଲୁଟି ନେଇଥିଲେ । ଏହାଛଡା ସେହି ବାଟ ଦେଇ ଯାଉଥିବା ଅନ୍ୟ ଟ୍ରକର ଚାଳକମାନଙ୍କୁ ଗାଳିଗୁଲଜ କରି ଭୁଜାଲି ଦେଖାଇ ଟଙ୍କା ଆଦାୟ ପାଇଁ ଭୟଭୀତ କରିଥିଲେ । ଲୁଟର ଶିକାର ହୋଇଥିବା ଟ୍ରକ୍ ଚାଳକ ଏଥିନେଇ ପଚ୍ଚାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଟ୍ରକ ଚାଳକଙ୍କ ଏତଲାକୁ ଭିତ୍ତି କରି ଥାନା କେସ ନଂ-୪୨/୧୯ ଓ ଦଫା ୩୯୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ୨ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

### କଳା ବ୍ୟାଜ୍ ପିନ୍ଧିଲେ ହାବିଲଦାର, କନଷ୍ଟେବଲ, ସିପାହୀ

ରାଜନଗର, ୭।୨(ଡିଏନଏ)-୪ ଦଫା ଦାବି ନେଇ ହାବିଲଦାର, କନଷ୍ଟେବଲ ଓ ସିପାହୀ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁରୁବାର ରାଜନଗର ଥାନାରେ କାର୍ଯ୍ୟରତ ହାବିଲଦାର, କନଷ୍ଟେବଲ ଓ ସିପାହୀମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ । ରାଜନଗର ଥାନାର ନୟନା ଲେଙ୍କା,ଏନ. ତିର୍କୀ, ରାଜୀବ ଲୋଚନ ସ୍ୱାଇଁ, ବେଣୁଧର ମାହୁନ୍ତ, କମଳ ମଲ୍ଲିକ, ଗଗନ ମଲ୍ଲିକ, ମାନସ ମଲ୍ଲିକ, କାଜଲ ରାଣୀ ଆଚାର୍ଯ୍ୟ, କୁନାଲ କୁମାର ସାମଲ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

### କେନ୍ଦ୍ରାପଡ଼ା ଜିଲା ବିଜେଡି ସଭାପତିଙ୍କ ଭାତୃ ବିୟୋଗ

ରାଜନଗର, ୭।୨(ଡିଏନଏ): କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁଙ୍କ ବଡଭାଇ ଧରଣୀଧର ସାହୁ (୫୪)ଙ୍କର ଗୁରୁବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ମାସେ ତଳେ ସେ ପଡିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ । ତାଙ୍କ ମରଶରୀର ରାତି ୭ଟା ବେଳେ ନିଜ ଗାଁ ବେଲପାଳରେ ପହଞ୍ଚିଛି। ଖବର ପାଇ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ସେଠୀ, ସବିତା ସେଠୀ, ରବିନ୍ଦ୍ର ନାଥ ସେଠୀ, ସରପଞ୍ଚ ସର୍ବେଶ୍ୱର ସାହୁ, ଜୁମର କୁମାର ସ୍ୱାଇଁ, ଶ୍ରୀକାନ୍ତ କୁମାର ପ୍ରଧାନ, ବରିଷ୍ଠ ନେତା ସର୍ବେଶ୍ୱର ମହାନ୍ତି, ଜୟରାମ ରାଉତ, ନିରଞ୍ଜନ ସ୍ୱାଇଁ, ଯୁବନେତା ବାଇଧର ସେଠୀ, ଅଶୋକ କୁମାର ମହାନ୍ତି ପ୍ରମୁଖ ବେଲପାଳରେ ପହଞ୍ଚି ଶେଷଦର୍ଶନ କରିଥିଲେ। ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ବେଲପାଳ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

### ମୋହିନୀ ଦେବୀଙ୍କ ପୀଠରେ ଶିବଶକ୍ତି ମହାଯଜ୍ଞ

ପଚ୍ଚାମୁଣ୍ଡାଇ, ୭।୨ (ସ୍ୱ.ପ୍ର): ପଚ୍ଚାମୁଣ୍ଡାଇ ବ୍ଲକ ଅଧୀନ ବାଲିପାଟଣା ଗ୍ରାମ ଦେବତୀ ମା' ମୋହିନୀ ଦେବୀଙ୍କ ପୀଠରେ ଚର୍ତୁଥଦିବସୀୟ ଶିବଶକ୍ତି ମହାଯଜ୍ଞ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ସୁନିଲ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଦିବସରେ ବାଲୁଙ୍କେଶ୍ୱରଙ୍କ ପୀଠରେ ମହାରୁଦ୍ରାଭିଷେକ, କଳସଯାତ୍ରା, ଅଙ୍କୁରାରୋପଣ ହୋଇଥିଲା । ୨ୟ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞଶାଳା ପୂଜା ପରେ ଗ୍ରାମଦେବତୀଙ୍କ ପୀଠରେ ଚଣ୍ଡି ପୂଜା, ଗୀତାଯଜ୍ଞ, ରୁଦ୍ରଯଜ୍ଞ ଆଦି ନୀତିକାନ୍ତି ହୋଇଥିଲା । ପୁରୀ ଶ୍ରୀକ୍ଷେତ୍ରର ଗବେଷକ ତଥା ପଣ୍ଡିତ ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ପଣ୍ଡିତ ବିଜୟ କୁମାର ପଣ୍ଡା, ପ୍ରଶାନ୍ତ କୁମାର ମହାପାତ୍ର, ଜ୍ୟୋତିକାନ୍ତ ତ୍ରିପାଠୀ, ଅନିରୁଦ୍ଧ ପଣ୍ଡା, ଚନ୍ଦ୍ର ଶେଖର ଶତପଥୀ, ନିର୍ମଳ କୁମାର ଦାଶ, ଚକ୍ରଧର ପଣ୍ଡା, ହରିଚନ୍ଦନ ତ୍ରିପାଠୀ ପ୍ରମୁଖ ଯଜ୍ଞରେ ମନ୍ତ୍ର ପାଠ କରି ଆହୂତି ପ୍ରଦାନ କରିଥିଲେ।

# ଦାରିଦ୍ର୍ୟ କାରଣରୁ ବଢ଼ୁଛି ମାନବ ଚାଲାଣ

କେନ୍ଦ୍ରାପଡା ଅଫିସ, ୭।୨

**ପ୍ରଶାସନର ଉଦାସୀନତା ମନୋଭାବ**
- ସାମାଜିକ ସ୍ଥିତି ବିପନ୍ନ ହେବା ଭୟରେ ଲୁଚିଯାଉଛି ମହିଳା, ନାବାଳିକା ଚାଲାଣ ଘଟଣା
- ୨୦୧୮ରେ ଉଦ୍ଧାର ହୋଇଥିଲେ ୩୦୬ ଜଣ
- ଚାଲାଣର ଶିକାର ପୀଡ଼ିତାଙ୍କ ପାଇଁ ଥଇଥାନର ବ୍ୟବସ୍ଥା ଆବଶ୍ୟକ

କେନ୍ଦ୍ରାପଡା ଜିଲାରେ ଦିନକୁ ଦିନ ମାନବ ଚାଲାଣ ବୃଦ୍ଧି ପାଉଥିବା ବେଳେ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁ ଏହାକୁ ରୋକି ହେଉନାହିଁ। ଅପରପକ୍ଷେ ଶିକ୍ଷାର ଅଭାବ, ଦାରିଦ୍ରତା, ସାମାଜିକ ଭୟ, ସଚେତନାର ଅଭାବ, ଆଇନର ଢିଲାପଣ ଯୋଗୁ ବହୁ ନାବାଳିକା ଓ ମହିଳା ଚାଲାଣ ହେବା ଘଟଣା ସାମନାକୁ ଆସିପାରୁନାହିଁ।

ଗତ ୨୦୧୮ ମାର୍ଚ୍ଚରେ ରାଉରକେଲା ଥାନା ଅଞ୍ଚଳର ୨ ଯୁବତୀଙ୍କୁ ପଚ୍ଚାମୁଣ୍ଡାଇ ଥାନା ଅଞ୍ଚଳର ବିଶ୍ୱଜିତ ମହାନ୍ତି ସୌଦିଆରବରେ ମାତ୍ର ୪୦ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଉକ୍ତ ବର୍ଷ ବିଭିନ୍ନ ହୋଟେଲ, ରେଳ ଷ୍ଟେସନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଓ ପରିବାରଠାରୁ ବିଚ୍ଛିନ୍ନ ହୋଇଥିବା ଜିଲାର ମୋଟ ୩୦୬ ମହିଳା, ନାବାଳିକା ଓ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅନ୍ୟ କେତେଜଣଙ୍କୁ ସ୍ୱଳ୍ପରହଣି କେନ୍ଦ୍ରରେ ରଖାଯାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ଜିଲାର ମହିଳାମାନେ ଆର୍ଥିକ ଓ ଶିକ୍ଷା ପ୍ରାପ୍ତି କ୍ଷେତ୍ରରେ ବହୁ ପଛରେ ରହିଛନ୍ତି। ସଚେତନତା ଅଭାବରୁ ଦଲାଲଙ୍କ ପ୍ରରୋଚନାରେ ପଡ଼ି ବହୁ ମହିଳା ଓ ନାବାଳିକା ମାନବ ଚାଲାଣର ଶିକାର ହେଉଛନ୍ତି। ଅନେକ କ୍ଷେତ୍ରରେ ବାହାଘର ପରେ ମହିଳାମାନଙ୍କୁ ଶାଶୁଘର ନେବା ପରିବର୍ତ୍ତେ କ୍ରୀତଦାସ କାମ କରିବାକୁ ଚାଲାଣ କରାଯାଉଛି। ଥାନାରେ ଅଭିଯୋଗ ହେବା ପରେ ନିଖୋଜ ମାମଲା ରୁଜୁ କରିଦେଇ ପୋଲିସ ଚୁପ୍ ବସୁଛି। ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କୁହନ୍ତି, ସମ୍ବିଧାନର ଧାରା ୨୩ (୧)ରେ ମହିଳା ଓ ଶିଶୁଙ୍କୁ ଅନଧିକାର ଭାବେ କାର୍ଯ୍ୟରେ ଲଗାଇବାକୁ ବିରୋଧ କରାଯାଇଛି। ଆଇପିସି ଧାରା ୩୭୪ରେ ଅନୈତିକ ଭାବେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କଲେ ଦଣ୍ଡବିଧାନ ଥିବା ବେଳେ ୩୭୨ ଓ ୩୭୩ ଧାରାରେ ଏଥିପାଇଁ ୧୦ବର୍ଷ ଜେଲ ଦଣ୍ଡାଦେଶ ରହିଛି। ସେହିପରି ଆଇପିସିର ଅନ୍ୟାନ୍ୟ ଧାରାରେ ମଧ୍ୟ ଅପହରଣ ମାମଲା ପାଇଁ କଠିନ ଦଣ୍ଡ ବ୍ୟବସ୍ଥା ରହିଛି। ମାତ୍ର ଶ୍ରମିକ ଚାଲାଣକୁ ନେଇ ପୂର୍ବରୁ ରହିଥିବା ବହୁ ଆଇନ ବିଭିନ୍ନ କାରଣରୁ ଏବେ ଅକାମୀ ହୋଇଯାଇଛି। ବିଦେଶକୁ ଯିବା ପୂର୍ବରୁ ନାମ ପଞ୍ଜୀକରଣ ବାଧ୍ୟତା ମୂଳକ ଥିବା ବେଳେ ପ୍ରଶାସନିକ ଅବାହେଳା ଓ ସଚେତନତା ଅଭାବରୁ ବହୁ ଶ୍ରମିକ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ବହୁ ସମୟରେ ସେମାନେ ନିର୍ଯାତନାର ଶିକାର ହେଉଛନ୍ତି ବୋଲି ମହାପାତ୍ର କୁହନ୍ତି। ସେହିପରି ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀଙ୍କ କହିବାନୁସାରେ, ବିଭିନ୍ନ ରାଜ୍ୟରେ ମହିଳା ଚାଲାଣର ଶିକାର ହୋଇଥିବା ପୀଡିତାଙ୍କ ଥଇଥାନ ପାଇଁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି । ମାତ୍ର ଓଡ଼ିଶାରେ ଏପରି କୌଣସି ବ୍ୟବସ୍ଥା ନାହିଁ। ଏଠାରେ ପୀଡିତାଙ୍କୁ ପରିବାର ସଦସ୍ୟଙ୍କ ହାତରେ ଟେକିଦେବା ପରେ ପ୍ରଶାସନ ନିଜର କାର୍ଯ୍ୟ ସାରି ଦେଉଥିବା ଦର୍ଶାଇ ଅନ୍ୟ କୌଣସି ପଦକ୍ଷେପ ନେଉନାହିଁ। ବହୁ ସମୟରେ ପୀଡିତାମାନେ ସାମାଜିକ ତାଚ୍ଛଲ୍ୟ ସହି ନ ପାରି ଆତ୍ମହତ୍ୟା କରୁଛନ୍ତି। ଏସଡିପିଓ ରାଜୀବ ଲୋଚନ ପଣ୍ଡା କୁହନ୍ତି, ଅଧିକାଂଶ ଥାନାରେ ମହିଳା ନିଖୋଜ ନେଇ ଅଭିଯୋଗ ଆସୁଛି । ତେବେ ସାମାଜିକ ସ୍ଥିତି ବିପନ୍ନ ହେବା ଭୟରେ ପରିବାର ସଦସ୍ୟ ଏହାକୁ ଗୋପନ ରଖିବାକୁ ଚାହୁଁଛନ୍ତି। ପଞ୍ଚାୟତସ୍ତରରେ ଏପରି ଘଟଣାକୁ ଗୁରୁତ୍ୱ ଦେଇ ପୋଲିସ ପ୍ରଶାସନ ନିକଟରେ ପହଞ୍ଚିଲେ ମହିଳା ଓ ଶିଶୁ ଚାଲାଣକୁ ରୋକାଯାଇ ପାରିବ ବୋଲି ସେ ମତ ଦେଇଛନ୍ତି।

## ମହିଳାଙ୍କଠାରୁ ୫୦ ହଜାର ଲୁଟ୍

ପଚ୍ଚାମୁଣ୍ଡାଇ, ୭।୨ (ସ୍ୱ.ପ୍ର)

ପଚ୍ଚାମୁଣ୍ଡାଇ ଅଞ୍ଚଳରେ ଚୋରି , ଡକାୟତି, ରାହାଜାନୀ, ଲୁଟ୍ ଘଟଣା ବଢି ଚାଲିଛି । ଗୁରୁବାର ଅପରାହ୍ନ ୨ଟାରେ ପଚ୍ଚାମୁଣ୍ଡାଇର ଜନଗହଳିପୂର୍ଣ୍ଣ ସ୍ଥାନ ଡାକବଙ୍ଗଳା ଛକ ନିକଟରେ ସନ୍ଧ୍ୟାରାଣୀ ଦାସ (୫୨) ନାମକ ଜଣେ ମହିଳାଙ୍କ ଠାରୁ ୨ଜଣ ଦୁର୍ବୃତ୍ତ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି । ଦୁର୍ବୃତ୍ତ ଦୁଇଜଣ ଏକ କଳା ରଙ୍ଗର ବାଇକରେ ଆସି ମହିଳା ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ । ସନ୍ଧ୍ୟାରାଣୀଙ୍କ ଘର ପଚ୍ଚାମୁଣ୍ଡାଇ ଥାନା ଅଧୀନ ବଉଳାଙ୍ଗ ଗ୍ରାମରେ । ସେ କଲେଜରୋଡସ୍ଥିତ ଆହ୍ଲାହାବାଦ ବ୍ୟାଙ୍କ ଶାଖାରୁ ୪୯ ହଜାର ଟଙ୍କା ଉଠାଇଥିଲେ । ବ୍ୟାଙ୍କରୁ ବାହାରି ସେ ଚାଲି ଚାଲି ଆସୁଥିବା ବେଳେ ଦୁର୍ବୃତ୍ତ ଦ୍ୱୟ ତାଙ୍କୁ ପିଛା କରି ଟଙ୍କା ଲୁଟି ନେଇଥିଲେ । ସେ ଧରିଥିବା ବ୍ୟାଗରେ ତାଙ୍କ ଖର୍ଚ୍ଚ ପାଇଁ ଆଉ ୪ଶହ ଟଙ୍କା ରଖିଥିଲେ। ଏଥିନେଇ ସନ୍ଧ୍ୟାରାଣୀ ପଚ୍ଚାମୁଣ୍ଡାଇ ଥାନାରେ ଏତଲା ଦେଇଛନ୍ତି ।

## ମାନସିକ ରୋଗ ନିରୂପଣ ଶିବିର

ରାଜନଗର, ୭।୨(ଡିଏନଏ)

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାନସିକ ରୋଗ ନିରୂପଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକର ୧୫୬ ଜଣ ମାନସିକ ରୋଗୀଙ୍କ ପରୀକ୍ଷା କରାଯାଇ ଚିହ୍ନଟ କରାଯାଇଛି। ଏହି ମାନସିକ ରୋଗୀମାନଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମାସର ପ୍ରଥମ ୩ ଦିନ (ସରକାରୀ କାର୍ଯ୍ୟଦିବସ) ଓ ପ୍ରତ୍ୟେକ ଗୁରୁବାର ଦିନ ମାଗଣାରେ ଚିକିତ୍ସା କରାଯିବ। ୫ଟି ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ମାଗଣା ମେଡିସିନ୍ ପ୍ରଦାନ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଶ୍ୱରଞ୍ଜନ ପତି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପତି, ଅତିରିକ୍ତ ଚିକିତ୍ସାଧିକାରୀ ଡା. ମିର୍ଜା ବାବର ବେଗ୍, ମେଡିସିନ ସ୍ପେଶାଲିଷ୍ଟ ଡା. ନିରଞ୍ଜନ କର, ରବୀନ୍ଦ୍ର କୁମାର ପ୍ରଧାନ,ସୁଶାନ୍ତ କୁମାର ପଟ୍ଟନାୟକ, ଏମ୍. ବରାଳ, ସୋମାପୁଷ୍ପା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପାଲା ମାଧ୍ୟମରେ କ'ଣ କଲେ ମାନସିକ ରୋଗୀ ଶୀଘ୍ର ଆରୋଗ୍ୟ ହେବେ ସେ ନେଇ ସଚେତନତା କରାଯାଇଥିଲା। ଶିବିରକୁ ନିର୍ମଳ କୁମାର ଦାସ, ମଦନ ମୋହନ ମହାନ୍ତି, ମହେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଶିବିର ଅଦାଲତରେ ୩୪ ମାମଲାର ଶୁଣାଣି



ରାଜ୍ୟ ମହିଳା ଆୟୋଗର ସଦସ୍ୟା ଓ ଅନ୍ୟମାନେ।

କେନ୍ଦ୍ରାପଡା ଅଫିସ, ୭।୨

ଓଡିଶା ରାଜ୍ୟ ମହିଳା ଆୟୋଗ ଶିବିର ଅଦାଲତ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ମୋଟ ୫୦ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୩୪ଟି ମାମଲାର ଶୁଣାଣି ହୋଇଛି। ୧୬ଟି ମାମଲାରେ ଉଭୟ ପକ୍ଷ ହାଜର ହୋଇଥିବା ବେଳେ ୧୫ଟି ମାମଲାରେ କେବଳ ଅଭିଯୋଗକାରୀ ହାଜର ହୋଇଥିଲେ। ଏଥିସହିତ ୩ଟି ମାମଲାରେ ପ୍ରତିପକ୍ଷ ଆସିଥିବା ବେଳେ ଅଭିଯୋଗକାରୀ ଆସି ନଥିଲେ। ଏହି ୩୪ଟି ମାମଲା ମଧ୍ୟରୁ ୧୦ଟି ମାମଲାର ଫଇସଲା ହୋଇଥିବା ବେଳେ ଏସ୍‌ପିଙ୍କ ନିକଟକୁ ୩ଟି ଓ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟକୁ ୩ଟି ମାମଲାର ଶୁଣାଣି ପାଇଁ ପଠାଇ ଦିଆଯାଇଛି। ଏହି ଶିବିରରେ ଆୟୋଗ ସଦସ୍ୟା କୁସୁମ ରଥ, ତିଳୋତ୍ତମା ନାୟକ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଆୟୋଗ ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ, କର୍ମଚାରୀ ଉମାକାନ୍ତ ସାହୁ, ତ୍ରିଲୋଚନ ନାୟକ ଓ ଚିତ୍ତରଞ୍ଜନ ସାହୁ ଏହି ଶିବିର ଅଦାଲତକୁ ପରିଚାଳନା କରିଥିଲେ।

## ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ଡେରାବିଶ, ୭।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅଧୀନ ଛତାସ୍ଥିତ ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିସରରେ ମହିଳା ଆତ୍ମସୁରକ୍ଷା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଭାକର ସାମଲ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟଅତିଥି, ଗାଳ୍ପିକ ମାତୃଦତ୍ତ ମହାନ୍ତି ମୁଖ୍ୟବକ୍ତା, ସମାଜକର୍ମୀ ହଳଧର ଦାଶ, ରଜନୀକାନ୍ତ ମହାନ୍ତି, ରମେଶ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ପ୍ରଶିକ୍ଷିକା ଭାବେ ରତ୍ନମଣୀ ସେଠୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ନେହଲତା ପରିଡ଼ା ଉତ୍ସବ ପରିଚାଳନା କରିଥିବା ବେଳେ ବିଜୟ କୁମାର ଘଡ଼େଇ, ଜୟନ୍ତ ନାଥ, କିଶୋର ଶତପଥୀ, ଶୁଭପ୍ରକାଶ ସାମଲ, ସନ୍ଦୀପ ଦାସ, ଦିପ୍ତୀମୟୀ ମହାନ୍ତି, କଲ୍ୟାଣୀ ମଲ୍ଲିକ ସହଯୋଗ କରିଥିଲେ।

## ଜଗନ୍ନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବ

କେନ୍ଦ୍ରାପଡା ଅଫିସ, ୭।୨



ସମାରୋହରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟଅତିଥି ମାନେ।

କେନ୍ଦ୍ରାପଡା ବ୍ଲକ ଚଉଦକୁଲାଟସ୍ଥ ଜଗନ୍ନାଥ ବିଦ୍ୟାପୀଠ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରୀନା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ଥାପିତ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଜିଲାପାଳ ଦାଶରଥି ଶତପଥୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ଚନ୍ଦନପୁର ସରପଞ୍ଚ ସୋନାଲି ବିଶ୍ୱାଳ, ସମିତିସଭ୍ୟ ସୁକାନ୍ତି ମିଶ୍ର, ପରିଚାଳନା କମିଟି ଅଧ୍ୟକ୍ଷ ମହମ୍ମଦ ଆଫତାବ ଆଲାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସୁସ୍ଥସମାଜ ପାଇଁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଜୁନିୟର ଗ୍ରୁପ ଚାମ୍ପିୟନ ରୁବି ମଲ୍ଲିକ, ସେକ୍ ଏଫାଜ୍, ସିନିୟର ଗ୍ରୁପ ଚାମ୍ପିୟନ ସେକ୍ ହାଫିଜୁଲ୍ଲା ଓ ନାଜିନ ଖାତୁନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ କୃତୀ ଶିକ୍ଷାର୍ଥୀ ସ୍ୱାତୀ ନାୟକ, ଅଭିପ୍ସା ମିଶ୍ର, ଶୁଭଶ୍ରୀ ବିଶ୍ୱାଳ, ସୋନାଲି ମୁଦୁଲି ପ୍ରମୁଖଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ମଦନମୋହନ କର, ସରୋଜକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ହରପ୍ରିୟା କର, ଇନ୍ଦୁମତି ସ୍ୱାଇଁ, ରୋଜାଲିନ ସାମନ୍ତରାୟ, ରାଜଲକ୍ଷ୍ମୀ ବେହେରା, ପ୍ରତିମା ବାରିକ ଏହି ଉତ୍ସବ ପରିଚାଳନା କରିଥିଲେ। ପୂର୍ବାହ୍ନରେ ପୁରାତନ ଛାତ୍ର ସଂସଦର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ କ୍ଷୀରୋଦ ପ୍ରଧାନ, ନିର୍ମଳ ସାହୁ, ଜୟନ୍ତ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ସୋସାଇଟି ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା


ସୋସାଇଟି ସଦସ୍ୟମାନେ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି।

ଡେରାବିଶ, ୭।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ ଜହ୍ନିମୂଳ ଗ୍ରାମର ଅଗ୍ନିବିପନ୍ନ ଗଜେନ୍ଦ୍ର ବାରିକଙ୍କ ପରିବାରକୁ ଗୁରୁବାର କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ ଅପରାହ୍ନରେ ଗଜେନ୍ଦ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଓ ବାସନ କୁସନ ପ୍ରଦାନ କରିଥିଲେ। ତାଙ୍କ ସହ ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ମଲ୍ଲ, ବିଜେଡି ନେତା ବିକାଶ ମଲ୍ଲ, ସୋସାଇଟିର ବରିଷ୍ଠ ପରିଚାଳକ ରମେଶଚନ୍ଦ୍ର ସେଠୀ, କର୍ମଚାରୀ ଅମିତ ନାରାୟଣ ଦାସ, ଦେବାଶିଷ ଧଳ, ୱାର୍ଡସଭ୍ୟା ପ୍ରମିଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଗତ ମଙ୍ଗଳବାର ରାତିରେ ଗଜେନ୍ଦ୍ରଙ୍କ ଗୁହାଳ ଘରେ ଦିଆଯାଇଥିବା ଧୂଆଁରୁ ନିଆଁ ଧାସ ଉଡି ଚାଳରେ ଲାଗିଯାଇଥିଲା।

## ବିଦାୟକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୭।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅଧୀନ ଭଣଗାଁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସୁନ୍ଦରାୟଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ସିଆରସିସି ଦୁଲାଲ କୁମାରସାହୁ, ବରିଷ୍ଠ ଶିକ୍ଷକ ଦାମୋଦର ଦ୍ୱିବେଦୀ ଯୋଗଦେଇ ବିଦାୟୀ ଶିକ୍ଷକ ସତ୍ୟରଞ୍ଜନ ରଥଙ୍କ ଶିକ୍ଷା ପଦ୍ଧତି ଓ ଛାତ୍ର ବତ୍ସଳତା ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନୋରମା ଗିରି, ସାଗରିକା ରାଉତ, ସତ୍ୟ ନାରାୟଣ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଏକାଗ୍ରତା ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଏ

ପଚ୍ଚାମୁଣ୍ଡାଇ, ୭।୨ (ସ୍ୱ.ପ୍ର.)

ଏକାଗ୍ରତା ଭାବରେ ଅଧ୍ୟୟନ କଲେ ଛାତ୍ରୀଛାତ୍ରମାନେ ନିଶ୍ଚିୟ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ଏଥିସହିତ ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ଛାତ୍ରୀଛାତ୍ରମାନଙ୍କୁ ସଂସ୍କାରିତ କରିଥାଏ ବୋଲି ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲର ନିର୍ଦ୍ଦେଶକ ଆଡଭୋକେଟ ସଞ୍ଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପଚ୍ଚାମୁଣ୍ଡାଇ ଅତିରିକ୍ତ ତହସିଲଦାର ସରୋଜ କୁମାର ସ୍ୱାଇଁ ମୁଖ୍ୟଅତିଥି, ଡା. ଦୀନବନ୍ଧୁ ମହାରଣା ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ସଚିବ ଡା. କେଳୁଚରଣ ସ୍ୱାଇଁ ଯୋଗଦେଇଥିଲେ। ସୁସ୍ଥ ସମାଜ ଓ ଶରୀର ପାଇଁ ଔଷଧୀୟ ବୃକ୍ଷଲତାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ ଏହାର ଉପଯୋଗ କରିବାକୁ ଡା. ମହାରଣା ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ନମିତା ସୂତାର ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଲିପିକା ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସୁଶ୍ରୀ ନମିତା ପଣ୍ଡା ସାଂସ୍କୃତିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା ସମିତି ସଦସ୍ୟ ସୌମେନ୍ଦ୍ର ଜେନା, ରତ୍ନାକର କବି, ଦୀପ୍ତିକନ୍ତେ ବଳ, ବର୍ଷାରାଣୀ ପାତ୍ର, ରିଙ୍କେଶ୍ୱର ଦାସ, ସୁଚିତ୍ରା ସାହୁ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ମହେନ୍ଦ୍ର ଭୂୟାଁ ଧନ୍ୟବାଦ ଦେଇଥିଲେ। ଦେବସ୍ମିତା ସାହୁ, ଗୌରବ ଦେହୁରୀ, ଓଶିନୀ ପରିଡା, କାମିନୀ ମହାନ୍ତି, ହର୍ଷବର୍ଦ୍ଧନ ସାହୁ, ରତ୍ନାକର ଦାସ, ମିନାକ୍ଷୀ ମହାନ୍ତି, ଅରୁନ୍ଧତୀ ଦାସଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ଅତିଥିବୃନ୍ଦ।

ଡେରାବିଶ, ୭।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ମୁଣ୍ଡାଳୋସ୍ଥିତ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ୩ ଦିନ ଧରି ଚାଲିଥିବା ଆନ୍ତଃଜିଲା ସଂସ୍କୃତ ମହାବିଦ୍ୟାଳୟ ସମୂହର ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଇତିମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ୧୮ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗନେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡା. ମଧୁସୂଦନ ମିଶ୍ର ମୁଖ୍ୟଅତିଥି ଓ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ହରେକୃଷ୍ଣ ମିଶ୍ର, ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ରତ୍ନାକର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀମାନେ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସଂଯୋଜକ ମଳୟ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ■ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା

# ଶବ୍ଦର ଖେଳ ପାଠକଙ୍କୁ ଆନନ୍ଦ ଦେଇଥାଏ

କେନ୍ଦ୍ରାପଡା ଅଫିସ, ୭।୨



କବିତାୟନରେ ଆଲୋଚକମାନେ।

କବିତା ମନର ଭାବକୁ ଜାଗ୍ରତ କରେ । ସ୍ୱଳ୍ପ ଶବ୍ଦରେ ପାଠକଙ୍କୁ ଅତିମାନସରେ ପହଞ୍ଚାଇଥାଏ। କବିଙ୍କ ଶବ୍ଦର ଖେଳ ପାଠକଙ୍କୁ ଆନନ୍ଦ ଦେଇଥାଏ ବୋଲି ଅଷ୍ଟାଦଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଆଚେକମାନେ ମତ ଦେଇଥିଲେ। ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଅନୁଷ୍ଠିତ ପୁସ୍ତକମେଳାର ଗୁରୁବାର ସନ୍ଧ୍ୟାରେ ବିଶ୍ୱାୟନର ଗବାକ୍ଷ ଓ ସାମ୍ପ୍ରତିକ ଓଡ଼ିଆ କବିତା ଶୀର୍ଷକ କବିତାୟନ ଅନୁଷ୍ଠିତ ହୋଇଥିଲା। କବି ନବଜ୍ୟୋତି ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ପ୍ରଦୀପ ବିଶ୍ୱାଳ, ମଧୁସୂଦନ ଦାସ, ଡା. ଦିଲ୍ଲୀପ ସ୍ୱାଇଁ, ଡା. ଜ୍ଞାନୀ ଦେବାଶିଷ ମିଶ୍ର, ମାତୃଦତ୍ତ ମହାନ୍ତି ଆଲୋଚକ ଭାବେ ଯୋଗ ଦେଇଥିଲେ। ବିଶ୍ୱ ସାହିତ୍ୟରେ କବିତାର ଗୁରୁତ୍ୱକୁ ଆଲୋଚନା କରାଯାଇଥିବା ବେଳେ ଓଡ଼ିଆ ସାହିତ୍ୟରେ କବିତା ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ଆଲୋଚକମାନେ ମତ ଦେଇଥିଲେ ଯେ, ଓଡ଼ିଆ ସାହିତ୍ୟରେ ରଚିତ କବିତା କୌଣସି ଗୁଣରେ କମ ନୁହେଁ। ଲୋକ ଗୀତଠାରୁ ଆରମ୍ଭ କରି ସାମ୍ପ୍ରତିକ କବିତା ପ୍ରତିକ୍ଷଣରେ ପାଠକଙ୍କ ସୁପ୍ତ ଚେତନାକୁ ଜାଗ୍ରତ କରୁଛି। ପ୍ରେମ, ବିରହ ପରି ଏଠାରେ ଜନମାନସକୁ ଉଦ୍‌ବୁଦ୍ଧ କରିବା ପରି ବୀର କବିତା ଲେଖାଯାଇଛି। ତେବେ ସାଂପ୍ରତିକ ସମୟରେ କବିତା ଏକ ଦୁର୍ବୋଧ ଭାଷା କହି ପାଠକ ଏହାକୁ ଧ୍ୟାନ ଦେଉନାହାନ୍ତି। ତେବେ ଏହି ସ୍ୱଳ୍ପ ଶବ୍ଦରେ ବହୁ ଅକୁହା କଥା ଆଗକୁ ଆସୁଛି ବୋଲି ଆଲୋଚକମାନେ ମତ ଦେଇଥିଲେ। ଏହି ଅବସରରେ କେମ୍ ପକ୍ଷରୁ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା।

## ସ୍କୁଲର ବାର୍ଷିକ କ୍ରୀଡ଼ା

ମାର୍ଶାଘାଇ, ୭।୨ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଦୁମୁକା ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ ଓ ବାପୁଜୀ ଉପ୍ରା ବିଦ୍ୟାଳୟର ୩୪ତମ ବାର୍ଷିକ କ୍ରୀଡା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦୌଡ ପ୍ରତିଯୋଗିତା ସହିତ ହାଇ ଜମ୍ପ.ଲଙ୍ଗ ଜମ୍ପ,ଡିସକସ ଥ୍ରୋ ,ଜାଭେଲିନ ଥ୍ରୋ ,ସଟ୍ ପୁଟ୍ ଥ୍ରୋ, ମ୍ୟୁଜିକ ଚେୟାର ପ୍ରଭୃତି ଖେଳରେ ଦୁଇଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ବେହେରା, ସିଆରସିସି ରାଜକିଶୋର ଦାସ, ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ରାଉତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ଶିକ୍ଷକ ନୃସିଂହ ଚରଣ ବେଉରା କ୍ରୀଡା ପରିଚାଳନା କରିଥିଲେ।



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।
- ବର୍ଣ୍ଣାଡ ଶ



# ଧାନ ବ୍ୟବସାୟୀଙ୍କୁ ଭଡ଼ାରେ ଲାଗିଛି ଶ୍ରେଣୀଗୃହ

**ନାଉଗାଁ,୭।୨(ସ୍ୱ.ପ୍ର.)**

ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ ବିପୁଳ ଅର୍ଥ ବିନିଯୋଗ କରାଯାଉଛି। ନୂତନ ଶ୍ରେଣୀଗୃହ, ଶୌଚାଳୟ, ରୋଷେଇ ଗୃହ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଉଛି। କିନ୍ତୁ ଏସବୁ ଛାତ୍ରୀଛାତ୍ରଙ୍କ କାମରେ ଆସୁ ନ ଥିବା ଦେଖିବାକୁ ମିଳୁଛି। ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତର ଭଟଣା ପ୍ରାଥମିକ ବିଦ୍ୟାଳୟରେ ୮ଟି ଶ୍ରେଣୀର ପିଲାଙ୍କୁ ଗୋଟିଏ କକ୍ଷରେ ବସାଇ ପଢ଼ାଯାଉଛି। ସେପଟେ ବିଦ୍ୟାଳୟର ଅନ୍ୟ ଶ୍ରେଣୀଗୃହଗୁଡ଼ିକ ଧାନ ବ୍ୟବସାୟୀଙ୍କୁ ଭଡ଼ାରେ ଦିଆଯାଇଥିବା ଅଭିଯୋଗ ହୋଇଛି।

୭ ଫେବୃୟାରୀ ୨୦୧୯ରେ ସରକାରୀ ୱେବ୍‌ସାଇଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ୩୦ ରହିଛି। ସେମାନଙ୍କୁ ପଢ଼ାଇବାକୁ ୩ ଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। କିନ୍ତୁ ବାସ୍ତବରେ ବିଦ୍ୟାଳୟରେ ୧୭ ଜଣ ପିଲା ଥିବା ଦେଖିବାକୁ ମିଳିଛି। ୨୦୧୧ରେ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ଏଠାରେ ୨ଟି ୨ମହଲା ବିଶିଷ୍ଟ କୋଠା ଓ ଗୋଟିଏ ଏକ ମହଲା ବିଶିଷ୍ଟ କୋଠା ୮ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। କିନ୍ତୁ ଗୃହଗୁଡ଼ିକ ପିଲାଙ୍କ କାମରେ ଲାଗୁନାହିଁ। ଗୋଟିଏ କୋଠରୀରେ ୮ଟି ଶ୍ରେଣୀର ପିଲାଙ୍କୁ ବସାଯାଉଛି। ଅନ୍ୟ ଘରଗୁଡ଼ିକ ଧାନ ବ୍ୟବସାୟୀଙ୍କୁ ଭଡ଼ାରେ ଦିଆଯାଇଛି। ନିୟମ ଅନୁଯାୟୀ, ପ୍ରତି ସପ୍ତାହରେ ସିଆରସିସି, ବ୍ଲକ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନରେ ଯିବା କଥା। କିନ୍ତୁ ଏହି ବ୍ଲକରେ ତାହା କରାଯାଉ ନ ଥିବା ଦେଖିବାକୁ ମିଳୁଛି। ଯଦି ଉଚ୍ଚ କର୍ତ୍ତୃପକ୍ଷ ବିଦ୍ୟାଳୟ ପରିଦର୍ଶନରେ ଯାଉଥାନ୍ତେ, ତେବେ ଶ୍ରେଣୀଗୃହ ଧାନ ବ୍ୟବସାୟୀଙ୍କୁ ଭଡ଼ାରେ ଦିଆଯାଇଥିବା ଦେଖି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ। କିନ୍ତୁ ସେଭଳି କିଛି ହେଉନାହିଁ। ସେହିପରି ଗୋଟିଏ ପ୍ରକୋଷ୍ଠରେ ୮ଟି ଶ୍ରେଣୀର ପିଲାଙ୍କୁ ଏକକାଳିନ କିପରି ପଢ଼ାଯାଉଥିବ ତାହା ଅନୁମାନ କରାଯାଇପାରେ। ଯଦି ବିଦ୍ୟାଳୟ ଗୃହ ଭଡ଼ାରେ ଲାଗିଛି, ତେବେ ଭଡ଼ା ସୂତ୍ରରେ କେତେ ଅର୍ଥ ଆସୁଛି ଓ ତାହା କ'ଣ ହେଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରେଣୀଗୃହ ଭଡ଼ାରେ ଲଗାଇବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ରିଜୋଲ୍ୟୁଶନ ପାଶ୍ ହୋଇଛି କି ନାହିଁ ତାହାର ମଧ୍ୟ ତଦନ୍ତ ହେବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ବିଦ୍ୟାଳୟରେ ଜିଲା ଶିକ୍ଷା ଓ ତାଲିମ ସଂସ୍ଥା ପକ୍ଷରୁ ଉଜ୍ଜଳ ଓ ଉତ୍ଥାନ ଶେଷ ପର୍ଯ୍ୟାୟ ପରୀକ୍ଷା ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇଥିଲା। ନିୟମାନୁଯାୟୀ ୨ୟରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଉଜ୍ଜଳ ଓ ୬ଷ୍ଠରୁ ୮ମ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଉତ୍ଥାନ ପରୀକ୍ଷା ଦେଇପାରିବେ। କିନ୍ତୁ ଏହି ପରୀକ୍ଷା ଭିନ୍ନ ଭିନ୍ନ କୋଠରିରେ ନ କରି ଗୋଟିଏ କୋଠରିରେ ଚାଲିଥିଲା। ଜିଲା ଶିକ୍ଷା ଓ ତାଲିମ କେନ୍ଦ୍ରର ତାଲିମଦାତା ଓ ୩ ଜଣ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଗୃହ ଭଡ଼ାରେ ଲାଗିବା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦେଇନ ମଲ୍ଲିକଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। କେଉଁ ଶ୍ରେଣୀରେ କେତେ ପିଲା ଅଛନ୍ତି ପଚାରିବାରୁ ତାହା ସେ ଦେବା ପାଇଁ ବାଧ୍ୟ ନୁହନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀଙ୍କୁ ପଚାରିବାରୁ ସେ ମଧ୍ୟ କୌଣସି ଉତ୍ତର ନ ଦେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

ଭଟଣା ପ୍ରାଥମିକ ବିଦ୍ୟାଳୟ



■ଗୋଟିଏ କୋଠରିରେ ବସୁଛନ୍ତି ୮ ଶ୍ରେଣୀର ପିଲା
■ବିଭାଗୀୟ କର୍ତ୍ତୃପକ୍ଷ ସବୁ ଜାଣି ନୀରବ

## ସଂକ୍ଷେପରେ

### ସୁରବାଳା ହାଇସ୍କୁଲର କ୍ରୀଡ଼ା ଉତ୍ସବ

**କୁଜଙ୍ଗ,୭।୨(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ୍ ବଉଳାଙ୍ଗସ୍ଥିତ ସୁରବାଳା ହାଇସ୍କୁଲର ୩୩ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶିକ୍ଷକ ପ୍ରଦୀପ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଉତ୍ସବକୁ ଅବସରପ୍ରାପ୍ତ ସାମରୀକ କର୍ମଚାରୀ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ସଚ୍ଚିଦାନନ୍ଦ ତ୍ରିପାଠୀ ଓ ପ୍ରଧାନ ଶିକ୍ଷକ ବଂଶୀଧର ନାୟକ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହ୍ଲାଦ ସ୍ୱାଇଁ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ କେଶବ ଚରଣ ଦାଶ, ନିରଞ୍ଜନ ଦାଶ, ଗୌରାଙ୍ଗ ଚରଣ ରାଉତ, ନୃସିଂହ ଚରଣ ବାହାଲିଆ, କର୍ମଚାରୀ ଅଭୟ କୁମାର ସ୍ୱାଇଁ, ନିତ୍ୟାନନ୍ଦ ଜେନା, ଦିବାକର ମଲିକ ଓ ବିଭୂତି ଭୂଷଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ୧୪ ତାରିଖରେ ବାର୍ଷିକ ଆଧାତ୍ମିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ କରାଯିବ ବୋଲି ଘୋଷଣା କରାଯାଇଥିଲା।

### ସପ୍ତଦଶ ବାର୍ଷିକ ପାଲା ମହୋତ୍ସବ

**କୁଜଙ୍ଗ,୭।୨(ସ୍ୱ.ପ୍ର.):** କୁଜଙ୍ଗ ବଜାରରେ ବଳଦେବଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ୩ ଦିନ ଧରି ଚାଲିଥିବା ସପ୍ତଦଶ ବାର୍ଷିକ ପାଲା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଜଗତ୍‌ଗୁରୁ ଠାକୁର ଅଭିରାମ ପରମହଂସ ଦେବଙ୍କ ପବିତ୍ର ଜନ୍ମ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ହୋଇଆସୁଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ତ୍ରିବେଣୀ ଅମାବାସ୍ୟା ଦିନ ଉଦ୍‌ଘାଟିତ ହୋଇଥିଲା। ପରିଷଦ ସଭାପତି ଶଙ୍କର ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପାଲା ଗାୟିକା ଲକ୍ଷ୍ମୀପ୍ରିୟା ଦାଶ ଓ ଗାୟକ ସୁଧାକର ଅଭିମନ୍ୟୁ ନାୟକ ପାଲା ପରିବେଶଣ କରିଥିଲେ। ଉଦ୍‌ଯାପନ ସନ୍ଧ୍ୟାରେ ଗାୟକ ଶେଖର ତଥା ବିଶିଷ୍ଟ ପାଲା ଗାୟକ ଜଗନ୍ନାଥ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପାରମ୍ପରିକ ଲୋକ ସଂସ୍କୃତି ଦିନକୁ ଦିନ ହଜି ଯାଉଥିବାବେଳେ ବଳଦେବଜୀଉ ସାଂସ୍କୃତିକ ପରିଷଦର ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ସାହୁ, ଉପସଭାପତି ପଣ୍ଡିତ ଅଭିରାମ ମହାନ୍ତି, ସମ୍ପାଦକ ରମେଶ ଚନ୍ଦ୍ର ଦାସ, ସାଂସ୍କୃତିକ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ଦାସ, ଅଭିରାମ ଦାସ, କୋଷାଧକ୍ଷ ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ମହାବୀର ଇଲେଭେନ କ୍ରିକେଟ ଗୋସାଣୀଦେଇପୁର ଚାମ୍ପିୟନ

**ବିରିଡି,ବାଲିଆ,୭।୨(ଡି.ଏନ.ଏ):** ବିରିଡ଼ି ବ୍ଲକ ଉତ୍ତରଶାସନ ପଞ୍ଚାୟତ ଆନନ୍ଦ ବଜାରସ୍ଥିତ ଖେଳପଡିଆରେ ମହାବୀର ଇଲେଭେନ କ୍ରିକେଟ ଟିମ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିବାବେଳେ ଫାଇନାଲରେ ନୂଆଗାଁ ଟିମକୁ ହରାଇ ଗୋସାଣୀଦେଇପୁର ଚାମ୍ପିୟନ ହୋଇଛି। ନୂଆଗାଁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୬ ଓଭରରେ ସମସ୍ତ ଉଇକେଟ୍ ହରାଇ ୩୭ ରନ କରିଥିଲା। ଜବାବରେ ଗୋସାଣୀଦେଇପୁର ୪ ଉଇକେଟ୍‌ରେ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚଙ୍କ ପ୍ରତିନିଧି ସୁଜିତ କୁମାର ସାହୁ, କବି ପୀତାମ୍ବର ମହାପାତ୍ର ମୁଖ୍ୟବକ୍ତା, ବସନ୍ତ ବେହେରା, ରଘୁନାଥ ସାହୁ, ଧୀରେନ୍ଦ୍ର ବେହେରା ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ସିଲଡ୍ କପ୍ ସହ ୩ ହଜାର ଟଙ୍କା ଦିଆଯାଇଥିଲା। ମହାବୀର କ୍ରିକେଟ୍ କ୍ଲବର ସୁକାନ୍ତ କୁମାର ସାହୁ, ନିରଞ୍ଜନ ସାହୁ, ତରୁଣ ସାହୁ ଖେଳ ପରିଚାଳନା କରିଥିଲେ।

### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ସ୍ମୃତିସଭା

**ତିର୍ତ୍ତୋଲ, ୭।୨(ଡି.ଏନ.ଏ.):** ପୂର୍ବତନ ଜିଲାପରିଷଦ ସଭ୍ୟ ରମାକାନ୍ତ ରାଉତରାୟଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଏଥିରେ ତିର୍ତ୍ତୋଲ ସରପଞ୍ଚ ମନୋରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ପ୍ରବୀର ରାୟ, ଲିପାଲି ରାଉଳ, ସରପଞ୍ଚ ବସନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଓ ଅନ୍ୟ ଅତିଥିମାନେ।

## ସମାଜ ସଂସ୍କାରରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାଲିଆ,୭।୨**

ସମାଜ ସଂସ୍କାରରେ ନାରୀର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ନାରୀ ସଂସ୍କାରୀ ହେଲେ ପରିବାର ସହ ସମାଜକୁ ଉଚିତ୍ ମାର୍ଗରେ ପରିଚାଳିତ କରେ। ଏହା ଦ୍ୱାରା ସମାଜର ଉନ୍ନତି ହୋଇଥାଏ ବୋଲି ଓଡିଆ ଭାଗବତ କଥା ପ୍ରଚାରକ ବାବା ଦିବକାର ଦାସ କହିଛନ୍ତି। ଭୁବନେଶ୍ୱରସ୍ଥିତ ସାଲିଆ ସାହିରେ ଅନୁଷ୍ଠିତ ନାରୀ ସଶକ୍ତିକରଣ ଉତ୍ସବରେ ଅତିଥି ଭାବେ ଯୋଗଦେଇ ସେ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ହୁଳହୁଳି, ଶଙ୍ଖ ବାଦନ ଓ ଲକ୍ଷ୍ମୀ ପୁରାଣ ପାଠକୁ ନେଇ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳାମାନେ ଯୋଗଦେଇଲେ। ମୁଖ୍ୟ ଅତିଥିଭାବେ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ।

## ପାରାଦୀପ ବନ୍ଦରର ୩୮ତମ ପୁଷ୍ପ ପ୍ରଦର୍ଶନୀ

**ପାରାଦୀପ,୭।୨(ସ୍ୱ.ପ୍ର.)**

ପାରାଦୀପ ବଡ଼ପଡିଆସ୍ଥିତ ନୂଆ ପାର୍କ ପରିସରରେ ଗୁରୁବାର ୩୮ତମ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ ପାରାଦୀପ ବନ୍ଦର ସମେତ ଓଏଫ୍‌ଡିସି (ଓଡ଼ିଶା ଫରେଷ୍ଟ ଡିଭିଜନ କର୍ପୋରେଶନ) ଓ କେତେଜଣ ଗୃହକର୍ତ୍ତା ସେମାନଙ୍କ ପୁଷ୍ପ ପ୍ରଦର୍ଶନ କରିଥିଲେ। ଭଲ ଫୁଲ ବଗିଚା ଓ ଫଳ ଚାଷ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।




ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନୀ ଉତ୍ସବରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଅସ୍ଥାୟୀ ବ୍ୟବସାୟୀଙ୍କ ପ୍ରଶିକ୍ଷଣ ଶିବିର

**ପାରାଦୀପ,୭।୨(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳରେ ଥିବା ରାସ୍ତା ପାର୍ଶ୍ୱ ଅସ୍ଥାୟୀ ବ୍ୟବସାୟୀମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଗୁରୁବାର ପୌର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ଉଠା ବ୍ୟବସାୟୀମାନଙ୍କୁ ଭେଣ୍ଡିଂ ଜୋନ ଜରିଆରେ ଥଇଥାନ କରିବା ପାଇଁ ପୌରପାଳିକା ଗତବର୍ଷ ସର୍ଭେ କରିଥିଲା। ସେହି ଆଧାରରେ ସେମାନଙ୍କୁ ଚିହ୍ନଟ କରିବା, ବ୍ୟବସ୍ଥିତ ଭାବେ ଥଇଥାନ କରିବା ଓ ଭେଣ୍ଡିଂ ଜୋନ ପରିସରରେ କିପରି ସ୍ୱଚ୍ଛତା ବଜାୟ ରଖିବା ସେ ସମ୍ପର୍କରେ କୁହାଯାଇଥିଲା। ଶିବିରରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ପ୍ରଭାତି ନାୟକ, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଉପସ୍ଥିତ ଥିଲେ।

## ଦୋକାନ କ୍ୟାବିନ ତାଡ଼ି ଚୋରି

**ବାଲିଆ,୭।୨**

ବିରିଡ଼ି ଥାନା ଅନ୍ତର୍ଗତ ବରାହପୁର ୪ ନଂ. କେନାଲ ପାର୍ଶ୍ୱରେ ଥିବା ଏକ ଦୋକାନ କ୍ୟାବିନ ତାଡି ଦୁର୍ବୃତ୍ତମାନେ ଟଙ୍କା ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଅଜୟ ରାୟଙ୍କ ଦୋକାନରୁ ଚୋରମାନେ ୧ ହଜାର ଟଙ୍କା, ସାବୁନ, ବିସ୍କୁଟ ଆଦି ନେଇଯାଇଛନ୍ତି।

## ଉଜ୍ଜ୍ୱଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବାଲିକୁଦା,୭।୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଉଜ୍ଜ୍ୱଳ ଓ ଉତ୍ଥାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବିଇଓ ସଚ୍ଚିଦାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରସ୍ଥିତ ଆମ୍ବଶାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହେଉଛି। ପ୍ରଥମ ପର୍ଯ୍ୟାୟରେ ୧୦୦ ଶିକ୍ଷକ ତାଲିମ ନେଉଛନ୍ତି। ଏହା ୫ ଦିନ ଧରି ଚାଲିବ। ପରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୫ ଦିନ ପର୍ଯ୍ୟନ୍ତ ଚାଲିବ। ବିଆରସିସି ରାଜକିଶୋର ବେହୁରା, ଆମ୍ବଶାଳ ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରଦୀପ୍ତ କୁମାର ସାହାଣି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷକ ଭାବେ ଜସ୍ମିନ ସାହୁ, ଜ୍ଞାନରଞ୍ଜନ ସ୍ୱାଇଁ, ଦିଲୀପ ଲେଙ୍କା, ରାମଚନ୍ଦ୍ର ଶତପଥୀ, ସତ୍ୟବତୀ ସ୍ୱାଇଁ, ନୀଳକଣ୍ଠ ନାୟକ, ଶୁକଦେବ ବାରିକ, ନର୍ମଦା ମହାପାତ୍ର ପ୍ରମୁଖ ତାଲିମ ଦେଉଛନ୍ତି।

## ମିଶନ ଶକ୍ତି ପକ୍ଷରୁ ପ୍ରତିଭା ପ୍ରତିଯୋଗିତା

**ଏରସମା,୭।୨(ସ୍ୱ.ପ୍ର.)**

ଏରସମା ବ୍ଲକ ସିହା ଗ୍ରାମରେ ଗୁରୁବାର ମିଶନ ଶକ୍ତି ପକ୍ଷରୁ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସିହା, ଗନ୍ଧପୁର ଓ ଦେଉଳୀ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଏସଏଚଜି ମହିଳାମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ହୁଳହୁଳି, ଲୁଡୁ, ସାପ ସିଡି ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ସିହା ଅଙ୍ଗନୱାଡ଼ି କର୍ମୀ ନିର୍ଝରବାଳା ସାହୁ, ନିୟତି ଜେନା, ଛବି ଖୁଣ୍ଟିଆ, ରେଣୁବାଳା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପ୍ରମିଳା ନାୟକ, ନର୍ମଦା ସେଠୀ, ନନ୍ଦିନୀ ମଲ୍ଲିକ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜଳିଗଲା ୨ ପରିବାରର ୫ ବଖରା

**ବାଲିକୁଦା,୭।୨(ସ୍ୱ.ପ୍ର.)**

ବାଲିକୁଦା ତହସିଲ ଅଧୀନ ଇଛାପୁର ପଞ୍ଚାୟତ ପରାହାଟ ଗାଁର ଅନୁସୂଚୀତ ଜାତିବର୍ଗଙ୍କ ସାହିରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୫ ବଖରା ପୋଡ଼ିଯାଇଛି। ଏଥିରେ କାର୍ତ୍ତିକ ଭୋଇ ଓ ରାମଚନ୍ଦ୍ର ଭୋଇଙ୍କ ପରିବାର ବିପନ୍ନ ହୋଇଛନ୍ତି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଭୋର ପ୍ରାୟ ସାଢେ ୪ଟାରେ କାର୍ତ୍ତିକଙ୍କ ଘରେ ନିଆଁ ଲାଗିଯାଇଥିଲା। ପରେ ପଡ଼ୋଶୀ ରାମଚନ୍ଦ୍ରଙ୍କ ଘରକୁ ବ୍ୟାପି ଯାଇଥିଲା। ଚାହୁଁ ଚାହୁଁ କାର୍ତ୍ତିକଙ୍କ ୩ ବଖରା ଓ ରାମଚନ୍ଦ୍ରଙ୍କ ୨ ବଖରା ପୋଡ଼ିଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ସବୁ ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡରେ ଉଭୟ ପରିବାରଙ୍କ ସମସ୍ତ ଖାଦ୍ୟପେୟ, ଆସବାବପତ୍ର ପୋଡ଼ିଯାଇଛି। ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଜୟପ୍ରକାଶ ଶିକ୍ଷା ନିକେତନ କମିଟି ପକ୍ଷରୁ ଜିଲାପାଳଙ୍କୁ କୃତଜ୍ଞତା




ଜୟପ୍ରକାଶ ଶିକ୍ଷାନିକେତନକୁ ଜିଲାପାଳ ଯାମିନୀ ଷଡଙ୍ଗୀ ସମ୍ବର୍ଦ୍ଧିତ କରୁଛନ୍ତି।

**ରଘୁନାଥପୁର,୭।୨ଡି.ଏନ୍.ଏ.)**

ମୋ ସ୍କୁଲ ମୋ ଅଭିଯାନ କାର୍ଯ୍ୟକ୍ରମରେ ପ୍ରଥମ ୧୦ଟି ସ୍ଥାନ ମଧ୍ୟରୁ ରଘୁନାଥପୁର ବ୍ଲକର ବିଦ୍ୟାଳୟଗୁଡିକ ଥିବାରୁ ରାମଚନ୍ଦ୍ରପୁର ଜୟପ୍ରକାଶ ଶିକ୍ଷାନିକେତନ ଆଲୁମନି କମିଟି ପକ୍ଷରୁ ଜିଲାପାଳ ଯାମିନୀ ଷଡଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ପୁରାତନ ଛାତ୍ରଙ୍କ ପକ୍ଷରୁ ଏହି କମିଟି ଆକାଉଣ୍ଟରେ ଅର୍ଥ ରଖାଯାଇ ବିଦ୍ୟାଳୟର କିପରି ଉନ୍ନତୀକରଣ ହେବ ସେଥିପ୍ରତି କମିଟି ସଭାପତି ମାନସ କୁମାର ମହାପାତ୍ର ଓ ସମ୍ପାଦକ ଜୟପ୍ରକାଶ ଜେନା ସହାୟତା ପ୍ରଦାନ କରିଥିଲେ। ଜିଲାପାଳଙ୍କ ପକ୍ଷରୁ ଶିକ୍ଷାନିକେତନ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ପ୍ରଶାନ୍ତ କୁମାର ମହାପାତ୍ର, ସାରଦା ପ୍ରସନ୍ନ ଦ୍ୱିବେଦୀ, ବଟକୃଷ୍ଣ ନାୟକ, ଉପଦେଷ୍ଟା ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ଜିଲାପାଳଙ୍କ ସମେତ ଡିଇଓ ପ୍ରତିଭା ମଞ୍ଜରୀ ଦାସ ଓ ସୁବାସ ଚନ୍ଦ୍ର ରାଉତଙ୍କୁ ମଧ୍ୟ କୃତଜ୍ଞତା ଜଣାଇଥିଲେ।

## ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ

**ବାଲିକୁଦା,୭।୨(ସ୍ୱ.ପ୍ର.)**

ବାଲିକୁଦା ତହସିଲ ଅଧୀନ ଗରାମ ପଞ୍ଚାୟତ ଫକୀରପଡ଼ା ଗ୍ରାମର ଅଗ୍ନି ବିପନ୍ନ ଖଡୁ ବାରିକ, ମାଗୁ ବାରିକ, ସତ୍ୟାନନ୍ଦ ବାରିକ ଓ ବାବାଜି ବାରିକଙ୍କୁ ବାଲିକୁଦା ବିଦ୍ୟୁତ୍ ଉପଖଣ୍ଡ ସେସୁ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଜଗଦିଶ୍ ସାହୁଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ଉପଖଣ୍ଡ ଅଧିକାରୀ ଦେବଦତ୍ତ ଉପାଧ୍ୟାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହାୟତା ସ୍ୱରୂପ ବିପନ୍ନଙ୍କ ଘରକୁ ବିନାମୂଲ୍ୟରେ ବିଦ୍ୟୁତ ସଂଯୋଗ ଦିଆଯାଇଛି। ସୂଚନାଯୋଗ୍ୟ, ୪ ତାରିଖ ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଏହି ପରିବାରଙ୍କ ମୋଟ୍ ୧୩ ବଖରା ପୋଡ଼ିଯାଇଥିଲା।

## ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାଲଆ,୭।୨**

ଆସନ୍ତା ଫେବୃୟାରୀ ୨୨ରେ ମାଟ୍ରିକ ପରୀକ୍ଷା ହେବାକୁ ଥିବାବେଳେ ବିରିଡ଼ି ବ୍ଲକ ଅଢଙ୍ଗ ଶାସନସ୍ଥିତ ନଳିନୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ୧୯ ଜଣ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ ଶ୍ରେଣୀର ଛାତ୍ରୀଛାତ୍ର ବିଦାୟ ଜଣାଇଥିଲେ। ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅଜୟଲକ୍ଷ୍ମୀ ଆଚାର୍ଯ୍ୟ, ଶକିଲା ଖାତୁନ, ରେବତୀ ମଲ୍ଲିକ, ରୀତା ମାଝୀ, ଶୁଶ୍ରୀ ଭାରତୀ ମହାନ୍ତି, ଜ୍ୟୋତ୍ସ୍ନାରାଣୀ ବେହେରା, ମାସୁଦ ଜମା, ସୁଦାମ ନାୟକ, ଗୋଲେଖ ମଲ୍ଲିକ ଓ ସାମାଜିକ କର୍ମୀ ଅନିସ ଉଦିନ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେବା ସହ ପରୀକ୍ଷାରେ ସଫଳ ହେବାକୁ ଶୁଭକାମନା ଜଣାଇଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

## ଗୋରଖନାଥଙ୍କ ଜନ୍ମୋତ୍ସବ ପାଇଁ ଟ୍ରଷ୍ଟ ବୋର୍ଡ ବୈଠକ

**ରଘୁନାଥପୁର,୭।୨(ଡି.ଏନ୍.ଏ.)**

ଚଳିତବର୍ଷ ଅଗ୍ନିଉତ୍ସବରେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରଖନାଥଙ୍କ ଜନ୍ମୋତ୍ସବ ଉପଲକ୍ଷେ ପୀଠର ପୂଜକ ଓ ଟ୍ରଷ୍ଟବୋର୍ଡ ସଭ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନଷ୍ଠିତ ହୋଇଯାଇଛି। ରେଭିନ୍ୟୁ ଅଫିସର ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୀଠରେ ନୂତନ ଭାବେ ଯୋଗଦେଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଭଳ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଭୁଙ୍କ ଜନ୍ମଉତ୍ସବରେ ସମସ୍ତ ବିଧିବିଧାନ, ନୀତିକାନ୍ତି ଓ ଉତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂଜକ ଦିଲୀପ କୁମାର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ରମେଶଚନ୍ଦ୍ର ପଣ୍ଡା, ବୀରକିଶୋର ଦାଶ, ଗୋଲେଖ ବିହାରୀ ଦାଶ, ନିରଞ୍ଜନ ଦାଶ, ଆଲୋକ ପଣ୍ଡା ଓ ସ୍ମୃତିରଞ୍ଜନ ପଣ୍ଡା ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେବା ସହ ପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ ନ କରିବା ପାଇଁ ଆଲୋଚନା କରିଥିଲେ। ସେହିଭଳି ଟ୍ରଷ୍ଟବୋର୍ଡ ସଭ୍ୟ ପ୍ରମୋଦ ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି ଓ ସୁରେନ୍ଦ୍ରନାଥ ସ୍ୱାଇଁ ସମେତ ସମସ୍ତ ସଭ୍ୟଙ୍କ ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ଆକାଉଣ୍ଟାଣ୍ଟ ସରୋଜ କୁମାର ସାହାଣୀ, ସଭ୍ୟ ପଦ୍ମଦୀପ ମହାନ୍ତି, ସୁଶାନ୍ତ ଦାଶ, କ୍ଷୀରୋଦ ମହାନ୍ତି ଓ ବାଦଲ ଯୋଗାଣିଆ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପୂଜକ ଓ ଟ୍ରଷ୍ଟବୋର୍ଡ ସଭ୍ୟ।



ଜଣେ ବ୍ୟକ୍ତିର ନ୍ୟାୟ, ସୌନ୍ଦର୍ଯ୍ୟ ବୋଧ ଓ ଜ୍ଞାନ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅନ୍ୟାୟ, ଅସୁନ୍ଦର ଓ ଅଜ୍ଞାନ ମନେ ହୋଇପାରେ।

- ଇମରସନ

## ସଂକ୍ଷେପରେ

### ହଷ୍ଟେଲରୁ ଛାତ୍ରଙ୍କୁ ତଡି ଦିଆଯାଇଥିବା ଅଭିଯୋଗ

**ଦଶପଲ୍ଲା,୭।୨ (ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଏକ ଉଚ୍ଚ ବିଦ୍ୟାଳୟରେ ସାମାନ୍ୟ କଦଳୀ ଚୋରି ଘଟଣାକୁ ନେଇ ଜଣେ ଅନ୍ତେବାସୀ ଛାତ୍ରଙ୍କୁ ତଡିଦିଆଯାଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ତଳେ ବିଦ୍ୟାଳୟ ପରିସରରୁ ଏକ କଦଳୀ କାନ୍ଧି ଚୋରି ଯାଇଥିଲା। ଏହାକୁ ନେଇ କିଛି ଶିକ୍ଷକ ନବମ ଶ୍ରେଣୀରେ ପଢୁଥିବା ଜଣେ ଅନ୍ତେବାସୀ ଛାତ୍ରଙ୍କୁ ପଚରାଉଚରା କରିଥିଲେ। ଭୟରେ ଛାତ୍ର ଜଣକ କଦଳୀ ନେଇଥିବା ସମ୍ପୃକ୍ତ ଶିକ୍ଷକଙ୍କ ନାମ କହିଥିଲେ। ଏହି ଖବର ପାଇ ଛାତ୍ରଙ୍କ ଭାଇ ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ଶିକ୍ଷକମାନେ ତୁମ ଭାଇ ଦୁଷ୍ଟ ହେଉଥିବା କହି ତାଙ୍କ ସହ ଛାତ୍ରଙ୍କୁ ଘରକୁ ପଠାଇ ଦେଇଥିଲେ। ସେହିଦିନ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କ ଭାଇଙ୍କଠାରୁ ଏକ କାଗଜରେ ଦସ୍ତଖତ ନେବା ପରେ ପରଦିନ ବାପାଙ୍କୁ ପଠାଇଦେବାକୁ କହିଥିଲେ। ପରଦିନ ତାଙ୍କ ବାପା ବିଦ୍ୟାଳୟରେ ପହଞ୍ଚିବା ପରେ କିଛି ଶିକ୍ଷକ ତୁମ ପୁଅ ଦୁଷ୍ଟାମୀ କରୁଥିବା କହି ତାଙ୍କଠାରୁ ଦସ୍ତଖତ ନେଇଯାଇଥବା ସେ ପ୍ରକାଶ କରିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ପ୍ରଥମେ ଘଟଣା ସମ୍ପର୍କରେ ଜାଣି ନ ଥିବା ଓ ପରେ ପଚାରି ବୁଝୁଛି ବୋଲି କହିଥିଲେ।

### ହାଇସ୍କୁଲର ବାର୍ଷିକୋତ୍ସବ



**ଭାପୁର,୭।୨(ଡି.ଏନ୍.ଏ.):** ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ଜାମୁସାହି ଗ୍ରାମସ୍ଥିତ ଆଞ୍ଚଳିକ ଚାରୁଦେବୀ ହାଇସ୍କୁଲର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବାର୍ଷିକ କ୍ରୀଡ଼ାରେ ଭାଗ ନେଇଥିବା ଓ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଆଞ୍ଚଳିକ ହାଇସ୍କୁଲର ପ୍ରଧାନଶିକ୍ଷକ ନୀଳମଣି ରାଉତ ମୁଖ୍ୟଅତିଥି, ବିଡି ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ଶୈଳବାଳା ରଥ ମୁଖ୍ୟବକ୍ତା ଓ ପୂର୍ବତନ ସରପଞ୍ଚ ମାଟିଆ ସ୍ୱାଇଁ, ଶିଶୁ କବି ଜୟକୃଷ୍ଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ବିଜ୍ଞାନ ଶିକ୍ଷକ ବିପିନ ବିହାରୀ ନାୟକ। ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦୌଡ, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ଡିସକସ୍ ଥ୍ରୋ, ଜାଭେଲିନ ଥ୍ରୋ, ଶଟ୍‌ପୁଟ ଥ୍ରୋ ଓ ସ୍ଲୋ ସାଇକେଲ ରେସ ସହ କୁଇଜ୍, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାରେ ଭାଗନେଇଥିଲେ। ସେଥିମଧ୍ୟରୁ ୭୫ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଲିଟେରାରୀ ଚାମ୍ପିୟନ ଭାବେ ନବମ ଶ୍ରେଣୀର ରଞ୍ଜିତ କୁମାର ସାହୁ, ସ୍ପୋର୍ଟସ ଚାମ୍ପିୟନ ଭାବେ ନବମ ଶ୍ରେଣୀର ରଞ୍ଜନ କୁମାର ସାହୁ ଓ ଦଶମ ଶ୍ରେଣୀର ଛାତ୍ର ସୁନନ୍ଦା ପରିଡ଼ା ବିବେଚିତ ହୋଇ ଟ୍ରଫି ହାସଲ କରିଥିଲେ।

### ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ଟାଙ୍ଗୀ(ଖୋର୍ଦ୍ଧା), ୭।୨ (ଡି.ଏନ.ଏ.):** କିଛିଦିନ ପୂର୍ବେ ଟାଙ୍ଗୀ ତହସିଲଦାର ଆଶିଷ କୁମାର ଜେନାଙ୍କ ବଦଳି ହୋଇଯାଇଥିଲା। ଜେନାଙ୍କ ବଦଳି ପରେ ଏଠାରେ ତହସିଲଦାର ପଦବାଟି ଶୂନ୍ୟ ପଡିଥିଲା। ତେବେ ବର୍ତ୍ତମାନ ନୂତନ ତହସିଲଦାର ଭାବେ ମୋନାଲିସା ପଣ୍ଡା ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି।

# ଆକ୍ୱାରିୟମ୍ ଜମିରେ କମ୍ୟୁନିଟି ସେଣ୍ଟର

- ପ୍ରସ୍ତାବିତ ଜମିକୁ ନେଇ ଟଣାଓଟରା
- ଆରମ୍ଭ ହୋଇପାରୁନି କାମ
- ଦୁଇ ସଂସ୍ଥାକୁ ଚିଠି ଲେଖିଲା ପର୍ଯ୍ୟଟନ ବିଭାଗ

**ପୁରୀ ଅଫିସ, ୭।୨**



ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟର।

ଆକ୍ୱାରିୟମ୍ ପାଇଁ ଜମି ଚିହ୍ନଟ ହୋଇ ଶିଳାନ୍ୟାସ ହୋଇଥିଲା। ଇତିମଧ୍ୟରେ ୬ ବର୍ଷ ପୂରିଗଲାଣି। ଆକ୍ୱାରିୟମ୍ ତ ତିଆରି ହୋଇପାରିନି କିନ୍ତୁ ଏହି ଜମିରେ ତିଆରି ହୋଇଛି କମ୍ୟୁନିଟି ସେଣ୍ଟର। କେବଳ କମ୍ୟୁନିଟି ସେଣ୍ଟର ନୁହେଁ, ପୁରୀ ପୌରସଂସ୍ଥାର କଲ୍ୟାଣମଣ୍ଡପ ତିଆରି କରାଯାଇଥିବା ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ କହିଛନ୍ତି। ଏହାକୁ ଅସ୍ୱୀକାର କରିଛନ୍ତି ପୌରସଂସ୍ଥା ନିର୍ବାହୀ ଅଧିକାରୀ। ପ୍ରସ୍ତାବିତ ଆକ୍ୱାରିୟମ୍ ଜମିକୁ ନେଇ ଟଣାଓଟରା ଚାଲିଛି। ପର୍ଯ୍ୟଟନ ବିଭାଗ ଏ ନେଇ ପୌରସଂସ୍ଥା ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଚିଠି ଲେଖିଥିବା ଜଣାପଡିଛି।

ପର୍ଯ୍ୟଟନ କ୍ଷେତ୍ର ପୁରୀର ଭିତ୍ତିଭୂମିକୁ ଆଉ ପାଦେ ଆଗକୁ ନେବା ପାଇଁ ଏକ ଅତ୍ୟାଧୁନିକ ବୃହତ୍ ଜଳଜୀବ ଆବାସ (ଆକ୍ୱାରିୟମ୍)ର ପରିକଳ୍ପନା କରାଯାଇଥିଲା। ଅର୍ବାନ ହାଟ ସମ୍ମୁଖ ପ୍ରାୟ ୨.୪୦୪ ଏକର ଜମିରେ ଏହା ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପ୍ରାଥମିକ ଭାବେ ୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏଥିରେ ଉଭୟ ମଧୁର ଏବଂ ଲୁଣିପାଣିରେ ରହୁଥିବା ବହୁ ଜୀବଙ୍କ ସମେତ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ, କଙ୍କଡ଼ା, ସାପ, ସାମୁଦ୍ରିକ ଗୁଳ୍ମ ଓ ପ୍ରବାଳ ରହିବେ। ରାଜ୍ୟର ପାରାଦୀପ ଏବଂ ନନ୍ଦନକାନନରେ ଛୋଟ ଛୋଟ ଆକ୍ୱାରିୟମ୍ ଥିବାବେଳେ ପ୍ରସ୍ତାବିତ ଆକ୍ୱାରିୟମ୍ ବହୁତ ବଡ଼ ହେବା ପାଇଁ ଯୋଜନା କରାଯାଇଥିଲା। ଏହାର ଡିଜାଇନ୍ ଓ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ସରିଥିବା ବେଳେ ଇଡ୍‌କୋକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ୨୦୧୩ ଜାନୁୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ସମସ୍ତଙ୍କ ଆଶା ଥିଲା, ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ଏହି ପର୍ଯ୍ୟଟନଭିତ୍ତିକ ପ୍ରକଳ୍ପ ଖୁବ୍‌ଶୀଘ୍ର ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ହେଲେ ସମୟ ଗଡ଼ିଲା ସିନା, ଆକ୍ୱାରିୟମ୍ ତିଆରି ହୋଇପାରିଲା ନାହିଁ। କ'ଣ ପାଇଁ କାମ ଅଟକିଛି, କାହିଁକି ଆକ୍ୱାରିୟମ୍ ତିଆରି ହୋଇପାରୁନି ସେନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଏକାଧିକ ଥର ବୈଠକ ବସିଛି। ବହୁବାର ଆଲୋଚନା ପରେ ଗତ ଜାନୁୟାରୀ ୨୦ରେ ଇଡ୍‌କୋ ଆକ୍ୱାରିୟମ୍ କାମ ଆରମ୍ଭ କରିବାକୁ ଆସିଥିବା ବେଳେ ପ୍ରସ୍ତାବିତ ଜମିରେ ଅନ୍ୟ ପ୍ରକଳ୍ପ ଦେଖି ଫେରିଯାଇଥିବା ଜଣାପଡିଛି।

ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ପୁରୀର ଆକ୍ୱାରିୟମ ପ୍ରକଳ୍ପ ପାଇଁ ଏଭଳି ବିବାଦ ନିଶ୍ଚିତ ଖରାପ କଥା। ବେଆଇନ ଭାବେ ପୌରସଂସ୍ଥା ଏହି ଜମି ଉପରେ କଲ୍ୟାଣମଣ୍ଡପ ତିଆରି କରିଥିବାରୁ ଆକ୍ୱାରିୟମ୍ ପ୍ରକଳ୍ପର ଭାଗ୍ୟ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଜାଗା ଖାଲି କରିବାକୁ ପୌରସଂସ୍ଥାକୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଏ ବାବଦରେ ଆଉ ଏକ ବିକଳ୍ପ ଚିନ୍ତା କରାଯାଉଛି। ଏହି କୋଠା ଆକ୍ୱାରିୟମ୍ ପ୍ରକଳ୍ପର କୌଣସି କାମରେ ଯଦି ବ୍ୟବହୃତ ହୋଇପାରିବ ତାହା ଉପରେ ମଧ୍ୟ ବିଚାରବିମର୍ଶ ଚାଲିଛି। ସେହିପରି ନିର୍ମାଣାଧୀନ କମ୍ୟୁନିଟି ହଲ୍ କାମ ବନ୍ଦ ରଖିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଚିଠି ଲେଖାଯାଇଛି ବୋଲି ସହକାରୀ ନିର୍ଦ୍ଦେଶକ ଜେନା କହିଛନ୍ତି।

ଏ ସଂକ୍ରାନ୍ତରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇଙ୍କୁ ପଚାରିବାରୁ ପୌରସଂସ୍ଥା ପକ୍ଷରୁ ଆକ୍ୱାରିୟମ୍ ଜମିରେ କୌଣସି ନିର୍ମାଣ କରାଯାଇନାହିଁ। ପର୍ଯ୍ୟଟନ ବିଭାଗର କୌଣସି ଚିଠି ମଧ୍ୟ ପାଇନାହୁଁ ବୋଲି ସେ କହିଛନ୍ତି। ସେହିପରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି କହିଛନ୍ତି, ପର୍ଯ୍ୟଟନ ବିଭାଗର ଚିଠି ପାଇନାହିଁ। ଚିଠି ପାଇବା ପରେ ତର୍ଜମା କରାଯାଇ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି ମହାରାଜା



ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ମହାରାଣୀ।

**ପୁରୀ ଅଫିସ, ୭।୨**

ଗଜପତି ମହାରାଜା ଦିବ୍ୟସିଂହ ଦେବ ଗୁରୁବାର ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିସହ ବେଢ଼ା ପରିସର ଅନ୍ୟାନ୍ୟ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ନୀଳାଦ୍ରିବିହାର ମ୍ୟୁଜିୟମ୍ କାମ ଅନୁଧ୍ୟାନ କରିଛନ୍ତି। ଗଜପତି ମହାରାଜା ଦିବ୍ୟସିଂହ ଦେବ ମହାରାଣୀ ଲୀଳାବତି ପାଟ୍ଟମହାଦେଈ, କନ୍ୟା, ଜ୍ୱାଇଁ ଏବଂ ନାତିଙ୍କ ସହ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିଥିଲେ। ସେମାନଙ୍କ ସହ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ରହିଥିଲେ। ପ୍ରଥମେ ବଟ ଗଣେଶଙ୍କୁ ଦର୍ଶନ କରିଥିଲେ। ଏହାପରେ ବଟମଙ୍ଗଳା, ପଞ୍ଚମହାଦେବଙ୍କୁ ଦର୍ଶନ କରି ପଣ୍ଡା ଦ୍ୱାର ଦେଇ ନାଟମଣ୍ଡପକୁ ପ୍ରବେଶ କରିଥିଲେ। କନ୍ୟା, ଜ୍ୱାଇଁ ଏବଂ ନାତି ଭିତରକାଠ ନିକଟରେ ଦର୍ଶନ କରୁଥିବା ବେଳେ ଗଜପତି ଓ ମହାରାଣୀ ଗର୍ଭଗୃହକୁ ଯାଇଥିଲେ। ତିନି ଠାକୁରଙ୍କୁ ଦର୍ଶନ କରି ପ୍ରଣାମି ଦେଇ ରତ୍ନସିଂହାସନ ପ୍ରଦକ୍ଷିଣ କରିଥିଲେ। ଭଣ୍ଡାର ମେକାପଙ୍କଠାରୁ ପାଇଥିବା ପ୍ରସାଦ ମାଳ ଏବଂ ଲାଗି ଚନ୍ଦନକୁ ରାଜଗୁରୁ ଗଜପତି ମହାରାଜା ଏବଂ ମହାରାଣୀଙ୍କୁ ପ୍ରଦାନ କରିଥିଲେ। ସେମାନେ ବେହରଣ ଦ୍ୱାର ଦେଇ ବାହାରି ଆଦି ନୃସିଂହଙ୍କୁ ଦର୍ଶନ କରିଥିଲେ। ମୁକ୍ତିମଣ୍ଡପ, ବିମଳା, କାନପତା ହନୁମାନ ମନ୍ଦିରକୁ ଯାଇଥିଲେ। କାନପତା ହନୁମାନଙ୍କୁ ଦର୍ଶନ କରିସାରି ଗଜପତି ମହାରାଜା ନୀଳାଦ୍ରିବିହାର ମ୍ୟୁଜିୟମ୍‌କୁ ଯାଇ ସେଠାରେ ଚାଲିଥିବା ନବୀକରଣ କାମ ଅନୁଧ୍ୟାନ କରିଥିଲେ। ଶ୍ରୀମନ୍ଦିରର ଯନ୍ତ୍ରୀ ଆଶିଷ ସୁବୁଦ୍ଧି କାମ ସମ୍ପର୍କରେ ଗଜପତିଙ୍କୁ ଅବଗତ କରାଇଥିଲେ। ପରେ ଭୁବନେଶ୍ୱରୀ, ସରସ୍ୱତୀ, ମହାଲକ୍ଷ୍ମୀ, ନବଗ୍ରହ ଏବଂ ପାଟ ଅଗଣାରେ ନୀଳଚକ୍ରଙ୍କୁ ଦର୍ଶନ କରିଥିଲେ। ଶେଷରେ ସତ୍ୟନାରାୟଣ, ବଟ ଗଣେଶଙ୍କୁ ଦର୍ଶନ କରି ଦକ୍ଷିଣ ଦ୍ୱାର ଦେଇ ଫେରିଥିଲେ।

# ମେଡିକାଲ ଠିକା କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ




ବିକ୍ଷୋଭରେ ସାମିଲ ହୋଇଥିବା ମେଡିକାଲ ଠିକା କର୍ମଚାରୀ।

**ପୁରୀ ଅଫିସ, ୭।୨**

**ବକେୟା ଦରମା ଦାବି**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଠିକା କର୍ମଚାରୀ ସଂଘ ପକ୍ଷରୁ ୧୦ ମାସର ବକେୟା ଦରମା ପ୍ରଦାନ ଦାବିରେ ଗୁରୁବାରଠାରୁ କଳାବ୍ୟାଜ୍ ପରିଧାନ କରାଯାଇଛି। ଆସନ୍ତା ୧୫ ଦିନ ଧରି ସମସ୍ତ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସଂଘ ସଭାପତି ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ କହିଛନ୍ତି, ଜିଲା ସ୍ୱାସ୍ଥ୍ୟ ସମିତିର ଅନୁମୋଦନ କ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ପଦବୀରେ ୪୪ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ୧୦ ମାସ ହେଲା ସେମାନେ ବିନା ଦରମାରେ ଦିବାରାତ୍ର ମେଡିକାଲରେ କାମ କରୁଛନ୍ତି। ଶ୍ରମିକଙ୍କ ଲାଗି ସରକାର ସର୍ବନିମ୍ନ ମଜୁରି ୨୫୦ଟଙ୍କା ସ୍ଥିର କରିଛନ୍ତି। କିନ୍ତୁ ପୁରୀ ମେଡିକାଲରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କୁ ଦୈନିକ ୧୫୦ଟଙ୍କା ପ୍ରଦାନ କରାଯାଉଛି। ଚାକିରି ଦିନଠାରୁ କୌଣସି କର୍ମଚାରୀଙ୍କ ଇଏସ୍‌ଆଇ ଓ ଇପିଏଫ୍ ଲାଗୁ କରାଯାଇନାହିଁ। ପ୍ରତ୍ୟେକ ମାସ ୧ରୁ ୧୦ତାରିଖ ମଧ୍ୟରେ ଦରମା ପ୍ରଦାନ କରିବାକୁ ସଂଘ ସଭାପତି ରାୟଗୁରୁ ଦାବି କରିଛନ୍ତି। ସଂଘ ସମ୍ପାଦକ ଅନିଲ ମୁଦୁଲିଙ୍କ ସମେତ ମେଡିକାଲରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

### ଯାନବାହନ ଯାଞ୍ଚ, ୩୩୦୦ ଟଙ୍କା ଜରିମାନା ଆଦାୟ

**ଓଡ଼ଗାଁ, ୭।୨(ସ୍ୱ.ପ୍ର.)**

ଦିନକୁ ଦିନ ବେପରୁଆ ଗାଡି ଚାଳନାରୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ଏଥିରେ କେତେକଙ୍କ ମୃତ୍ୟୁ ଘଟୁଥିବାବେଳେ ଆଉ କେତେକ ଡାକ୍ତରଖାନାରେ ଚିକିତ୍ସିତ ହେବା ନିମନ୍ତେ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ତରଫରୁ ସଚେତନତା ନିମନ୍ତେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଓଡଗାଁ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ପାଳନ ସମୟରେ ଗୁରୁବାର ପୋଲିସ ୨୧ ନମ୍ବର ରାଜ୍ୟ ରାଜପଥରେ ଯାନବାହନ ଯାଞ୍ଚ କରି ୧୩ ଗାଡିରୁ ୩୩୦୦ ଟଙ୍କା ଜରିମାନା ଆଦାୟ କରିଛି। ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଆଦର୍ଶ ଥାନା ତରଫରୁ ନିକଟସ୍ଥ କୋମଣ୍ଡ ଉପକଣ୍ଠ କଇଁଆଖାଲ ପୋଲ ନିକଟରେ ବିଭିନ୍ନ ଗାଡି ତନଖି କରାଯାଇଥିଲା। ଏହି ସମୟରେ ହେଲମେଟ ପିନ୍ଧି ନ ଥିବା, ସିଟ୍ ବେଲ୍ଟ ବାନ୍ଧି ନ ଥିବା ଓ କାଗଜପତ୍ର ନ ଥିବା ଗାଡି ଆରୋହୀଙ୍କଠାରୁ ଯାଞ୍ଚ କାର୍ଯ୍ୟରେ ନିୟୋଜିତ ଥାନା ଏଏସ୍‌ଆଇ ରମେଶ କୁମାର ବେହେରା ଜରିମାନା ଆଦାୟ କରିଥିଲେ।

### ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ

**ଖଣ୍ଡପଡା,୭।୨(ସ୍ୱ.ପ୍ର.)**

ଗୁରୁବାର ମାଘମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ ପାର୍ଶ୍ୱ ମନ୍ଦିରରେ ବିଜେ ଶ୍ରୀଶ୍ରୀ ଶନିଶ୍ଚର ଦେବଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାପଦା ବଜାର କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ କ୍ରମେ ପୂର୍ବାହ୍ନ ସାଢେ ୯ଟାରେ ମହିଳା ଓ ପୁରୁଷମାନେ ନୀଳମାଧବ ମନ୍ଦିର ପାଦଦେଶରେ ପ୍ରବାହିତ ମହାନଦୀ ଘାଟରୁ ଜଳ ନେଇ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଶନିଶ୍ଚର ମନ୍ଦିର ପରିସରରେ କଳସ ସ୍ଥାପନ ପରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମକୁ କର୍ତ୍ତା, ପୁରୋହିତ, ଆଚାର୍ଯ୍ୟ, ସମିଧ ଆଦି କର୍ମରେ ଯଥାକ୍ରମେ ବସନ୍ତ କୁମାର ମିଶ୍ର, କୁଳମଣି ପଣ୍ଡା, ପ୍ରମୋଦ ମିଶ୍ର, ପ୍ରାପ୍ତି ମିଶ୍ର ଓ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଙ୍କୀର୍ତ୍ତନ କରାଯାଇଛି।



କଳସ ଶୋଭାଯାତ୍ରାରେ ମହିଳାମାନେ।

# ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ବୋଲଗଡ଼,୭।୨(ଡି.ଏନ.ଏ.)**



ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରୁଛନ୍ତି।

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କୁମୁଦିନୀ ପାଞ୍ଚଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ଐତିହାସିକ ତଥା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ପୌରୋହିତ୍ୟ କରିଥିଲେ। ଶିକ୍ଷକ ବିଜୟ କୁମାର ତ୍ରିପାଠୀ ମୁଖ୍ୟଅତିଥି ଓ ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କାଳୀଚରଣ ଜୟସିଂହ, ଶିକ୍ଷାବିତ୍ ସୁମନ୍ତ ଛୋଟରାୟ, ଜୟକୃଷ୍ଣ ଫତେସିଂହ, ଖବରଦାତା ପାଣ୍ଡବ ସାହୁ, ଶିକ୍ଷକ ପଦ୍ମନାଭ ଖଟାଇ ଓ କୁମୁଦିନୀ ଜୟସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ବିଦ୍ୟାଳୟଟି ଅନେକ ସୁବିଧା, ସୁଯୋଗ ଓ ଅନୁଦାନରୁ ବଞ୍ଚିତ ହୋଇଥିବାରୁ ଏହାର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ଗଡ଼ବାଡ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କୁମାଣ୍ଡଳରେ ବିଜେଡି କର୍ମୀ ସମ୍ମିଳନୀ

**ଟାଙ୍ଗୀ(ଖୋର୍ଦ୍ଧା), ୭।୨(ଡି.ଏନ.ଏ)**

ଚିଲିକା ବ୍ଲକ ଅଧୀନ କୁମାଣ୍ଡଳ ପଞ୍ଚାୟତରେ ଚିଲିକା ନିର୍ବାଚନ ମଣ୍ଡଳୀ ବିଜେଡି କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଛି। ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ପ୍ରାୟ ୨୦୦ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସାହୁ ରାଜ୍ୟ ସରକାରଙ୍କ ବହୁବିଧ ଜନହିତକର କାର୍ଯ୍ୟକ୍ରମ ଓ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ଅବହେଳା ବିରୋଧରେ ଉଦ୍‌ବୋଧନ ଦେଇଥିଲେ। ସମ୍ମିଳନୀରେ ଚିଲିକା ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ଏମ୍‌ପି ପ୍ରତିନିଧି ରମେଶ ମହାପାତ୍ର, ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ, ପଞ୍ଚାୟତ ସଭାପତି ସୁବାସ ଚନ୍ଦ୍ର ଘଡ଼ାଇ, ଯୁବ ସଂଗଠକ ପ୍ରଦୀପ ଦାସ, ବସନ୍ତ ମହାନ୍ତି, ଚିନ୍ତାମଣି ସାମନ୍ତରାୟ, ଶରତ ହରିଚନ୍ଦନ ଓ ଉଲ୍ଲାସ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଶେଷଦେବ ଜାଲି ଧନ୍ୟବାଦ ଦେଇଥିଲେ ।

# ସଡ଼କ ସୁରକ୍ଷା ନେଇ ସଚେତନତା

**ରଣପୁର, ୭।୨ (ସ୍ୱ.ପ୍ର.)**

ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଅଭୟ କୁମାର ମଲିକ, ସମ୍ମାନିତ ଅତିଥି ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ,ରାଜସୁନାଖଳା ଫାଣ୍ଡି ଅଧିକାରୀ ସୁବାସ ଚମ୍ପତି, ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁ, ରାଜସୁନାଖଳା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ । ନୟାଗଡ ଜିଲାର ମୋଟ ୧୧ଟି ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସ୍କାଉଟ୍ ଗାଇଡର ୧୮୭ ଜଣ ଯୋଗଦେଇଥିଲେ। ରାଜସୁନାଖଳା ପ୍ରଧାନଶିକ୍ଷକ ତଥା ଜାତୀୟସ୍ତରୀୟ ତାଲିମଦାତା ରମେଶ କୁମାର ବଳବନ୍ତରାୟଙ୍କ ପରିଚାଳନାରେ ଜିଲା ଶିକ୍ଷା ଅଧିକାରୀ ସଡ଼କ ସୁରକ୍ଷା ଉପରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ରଣପୁର ଥାନା ଅଧିକାରୀ ଭୋଇ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟଠାରୁ ସଡ଼କ ସୁରକ୍ଷା ସଚେତନତା ରାଲି ଆରମ୍ଭ ହୋଇ ବିଭିନ୍ନ ସାହି,ବଜାର ପରିକ୍ରମା କରିବା ସହ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ବିଭିନ୍ନ ଗାଡିର ଡ୍ରାଇଭରଙ୍କୁ ହେଲମେଟ୍ ବ୍ୟବହାର,ସୁରକ୍ଷା ବେଲ୍ଟ ସମ୍ବନ୍ଧରେ ସଚେତନତା କରି ବିଭିନ୍ନ ପ୍ରକାର ସ୍ଲୋଗାନ ପ୍ରଦାନ କରିଥିଲେ।




ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀମାନେ।

# କର୍ମଚାରୀ ଅଭାବରୁ ବ୍ୟାଙ୍କସେବା ବ୍ୟାହତ

**ଖଣ୍ଡପଡ଼ା,୭।୨(ସ୍ୱ.ପ୍ର.)**



ବିଭିନ୍ନ କାମ ନେଇ ବ୍ୟାଙ୍କରେ ଉପଭୋକ୍ତାଙ୍କ ଭିଡ଼।

କଣ୍ଟିଲୋସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫଳରେ ଗ୍ରାହକ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅଧିକାଂଶ ସମୟରେ ଶହ ଶହ ସଂଖ୍ୟକ ଗ୍ରାହକ ବ୍ୟାଙ୍କ ପରିସରରେ ଘଣ୍ଟାଘଣ୍ଟା ଧରି ଛିଡାହୋଇ ହନ୍ତସନ୍ତ ହେଉଥିବା ପରିଲକ୍ଷିତ ହେଉଛି । ଏହି ବ୍ୟାଙ୍କ ଶାଖାରେ ଜଣେ ମ୍ୟାନେଜର ଓ ୩ଜଣ ସହକାରୀ ଥିଲେ ମଧ୍ୟ ସମ୍ପ୍ରତି କାଳିଆ ଯୋଜନାରେ ପ୍ରତ୍ୟେହ ୫ଶହରୁ ଊର୍ଦ୍ଧ୍ୱ ଗ୍ରାହକ ଓ ସ୍ୱୟଂ ସହାୟକ ଗୋଷ୍ଠି ଭିଡ ଜମାଉଥିବା ଦେଖିବାକୁ ମିଳୁଛି। ଜଣେ କର୍ମଚାରୀ କମ୍ପ୍ୟୁଟରରେ କାର୍ଯ୍ୟରତ ଥିବାବେଳେ ଅନ୍ୟ ଜଣେ କର୍ମଚାରୀ ଋଣ ବିଭାଗରେ ବ୍ୟସ୍ତ ରହୁଛନ୍ତି । ଅପରପକ୍ଷେ ମ୍ୟାନେଜର ତଥା ଶାଖା ପରିଚାଳକ ଗ୍ରାହକଙ୍କ ବିଭିନ୍ନ ସମସ୍ୟା ସମାଧାନ କରି ଗ୍ରାହକମାନଙ୍କୁ ନିୟନ୍ତ୍ରଣ କରୁଥିବା ଦେଖାଯାଉଛି । ଅନ୍ୟଜଣେ କର୍ମଚାରୀ କ୍ୟାସ ଦେଣ ନେଣ କରୁଥିବା ବେଳେ ପାସ୍ ବହିକୁ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଅପଡେଟ କରୁଛନ୍ତି। ଏହି ଶାଖାରେ ଆଉ ଦୁଇଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଆଦୌ ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାଛଡା ବିଭିନ୍ନ ସମୟରେ ଲିଙ୍କ ଫେଲ ହେଉଥିବାରୁ କମ୍ପ୍ୟୁଟର ଅଚଳ ହୋଇ ପଡୁଛି । ଅନେକ ସମୟରେ ଗ୍ରାହକମାନେ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀଙ୍କଠାରୁ ଉପଯୁକ୍ତ ସେବା ନ ପାଇ ବିରକ୍ତି ଭାବ ପ୍ରକାଶ କରୁଥିଲେ ମଧ୍ୟ କଣ୍ଟିଲୋରେ ଅନ୍ୟ କୌଣସି ଜାତୀୟ କରଣ ବ୍ୟାଙ୍କ ନଥିବାରୁ ବାଧ୍ୟ ହୋଇ ଏଠାରେ ଦୀର୍ଘ ସମୟ ଧରି ଅପେକ୍ଷା କରି ରହୁଛନ୍ତି । ଏ ସମ୍ପର୍କରେ ଶାଖା ପରିଚାଳକ ଅଭିମନ୍ୟୁ ସେଠୀଙ୍କ ସହ ଯୋଗାଯୋଗ କରିବାରେ ସେ କହିଥିଲେ ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ଶହଶହ ସଂଖ୍ୟାରେ ବ୍ୟାଙ୍କକୁ ଆସୁଥିବା ବେଳେ ବ୍ୟାଙ୍କରେ ଆବଶ୍ୟକ କର୍ମଚାରୀ ନଥିବାରୁ ସେବା ପ୍ରଦାନରେ ସମସ୍ୟା ଉପୁଜୁଛି । ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସମସ୍ୟା ସମ୍ପର୍କରେ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇ ପାରୁନି। ଏତେ ସଂଖ୍ୟକ ଗ୍ରାହକଙ୍କୁ ସୀମିତ ସଂଖ୍ୟକ କର୍ମଚାରୀ ସେବା ଦେବାରେ ନିଶ୍ଚୟ ଅନିଚ୍ଛାକୃତ ବ୍ୟତିକ୍ରମ ଘଟୁଥାଇ ପାରେ ବୋଲି ସେଠୀ ପ୍ରକାଶ କରିଥିଲେ ।



ତୁମେ ତୁମର ସୁଖରେ ପରିବର୍ତ୍ତନ ଆଣିପାର, କିନ୍ତୁ କେବେହେଲେ ବନ୍ଧୁ ପରିବର୍ତ୍ତନ କରନାହିଁ।

- ଭଲଟାୟର



## ସଂକ୍ଷେପରେ

### ମାନସିକ କଳସ ଯାତ୍ରା



**ଦଶପଲ୍ଲା,୭।୨(ଡି.ଏନ.ଏ.):** ଗୁରୁବାର ଦଶପଲ୍ଲା କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ଶିରିଡି ସାଇ ମନ୍ଦିରଠାରେ ସପ୍ତମ ବାର୍ଷିକ ମାନସିକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ନଗରକୀର୍ତ୍ତନ କରାଯାଇଥିଲା। ସାତପାଟଣା କୁଆଁରିଆ ନଦୀତଟରୁ କଳସରେ ଜଳ ଧରି ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ଏହାପରେ ସୂର୍ଯ୍ୟ ପୂଜା, ଯଜ୍ଞ ଓ ସାଇ ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିରିଡି ସାଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ପରିଚାଳନା କରାଯାଇଥିଲା ।

### ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

**ଭାପୁର,୭।୨(ଡି.ଏନ୍.ଏ.):** ଗତବର୍ଷ ନୟାଗଡ଼ ଜିଲା ଭାପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଉପରେ ତଦନ୍ତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅତିରିକ୍ତ ଶାସନ ସଚିବ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ଜୁନିୟର ଇଞ୍ଜିନିୟର ଓ ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ଦଳ ଏହାର ତଦନ୍ତ କରିବେ। ତଦନ୍ତ ରିପୋର୍ଟ ୭ଦିନ ମଧ୍ୟରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଶାସନ ସଚିବଙ୍କୁ ଦେବାକୁ କୁହାଯାଇଛି। ସୂଚନାଯୋଗ୍ୟ ଗତବର୍ଷ ଭାପୁର ବ୍ଲକରେ ପ୍ରାୟ ୧୪କୋଟି ଟଙ୍କାର କାର୍ଯ୍ୟ ଏହି ଯୋଜନାରେ ହୋଇ ରେକର୍ଡ ସୃଷ୍ଟି କରିଥିଲା।

### ରକ୍ତଦାନ ଶିବିର: ୨୦ ୟୁନିଟ୍ ରକ୍ତ ସଂଗ୍ରହ



**ନୂଆଗାଁ,୭।୨(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ପ୍ରାଇମେରୀ ବିଦ୍ୟୁତ୍ ସବ୍‌ଷ୍ଟେଶନଠାରେ ଜୀବନ ଜ୍ୟୋତି ସେବା ସମିତି ଆନୁକୂଲ୍ୟରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ନୟାଗଡ ପେରିଫେରି ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ ଅନନ୍ତ ନାରାୟଣ କର ଉଦ୍‌ଘାଟନ କରିଥିବା ବେଳେ ଜୀବନ ଜ୍ୟୋତି ସେବା ସମିତିର ସମ୍ପାଦକ ରଞ୍ଜନ କୁମାର ସାହୁ , ସହ ସଂପାଦକ ପ୍ରଭାତ କୁମାର ଦାସ, ଦାମୋଦର ସାହୁ ଓ ନୟାଗଡ଼ ରକ୍ତଭଣ୍ଡାର ଡାକ୍ତର ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସକାଳ ୮ଟାରୁ ଆରମ୍ଭ ହୋଇଥିବା ଏହି ଶିବିର ଅପରାହ୍ନ ଦୁଇଟା ଯାଏ ଚାଲିଥିଲା ଏବଂ ସମୁଦାୟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ୧୯୮୭ ମାଟ୍ରିକ ବ୍ୟାଚ୍ ମୋ ସ୍କୁଲ ଅଭିଯାନରେ ସାମିଲ



**ଗଣିଆ,୭।୨(ଡି.ଏନ.ଏ.):** ଗଣିଆ ବ୍ଲକ ଆଡକଟାସ୍ଥିତ ପଦ୍ମନାଭ ହାଇସ୍କୁଲର ୧୯୮୭ ମସିହା ମାଟ୍ରିକ୍ ବ୍ୟାଚର ସମସ୍ତ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୧୯୮୭ ମସିହାର ୪୫ ଜଣଙ୍କ ସମେତ ବିଦ୍ୟାଳୟର ୧୮୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ । ସଭାପତି ଭାବେ ରବି ଜେନା,ସମ୍ପାଦକ ବଂଶୀଧର ପ୍ରଧାନ, କୋଷାଧକ୍ଷ ଭାବେ କାଳିନ୍ଦୀ ଚରଣ ସାହୁଙ୍କ ସମେତ ଏକ ଉପଦେଷ୍ଟାମଣ୍ଡଳୀ ଚୟନ କରାଯାଇଥିଲା। ପରେ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦିବଂଗତ ଛାତ୍ର ଓ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନିସା ମଞ୍ଜରୀ ସାହୁଙ୍କୁ ଆୟୋଜକ ବ୍ୟାଚ୍ ତରଫରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

## ■ ୨୨ରେ ମାଟ୍ରିକ୍ ପରୀକ୍ଷା

# ୭୫ କେନ୍ଦ୍ରରେ ୧୪,୨୯୫ ପରୀକ୍ଷାର୍ଥୀ

■ କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାଡ୍

■ ୬ ନୋଡାଲ୍ ସେଣ୍ଟରରେ ରହିବ ପ୍ରଶ୍ନପତ୍ର

**ନୟାଗଡ଼ ଅଫିସ,୭।୨**

ଫେବୃୟାରୀ ୨୨ ତାରିଖରୁ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ନୟାଗଡ଼ ଜିଲାର ୮ ବ୍ଲକ ଅନ୍ତର୍ଗତ ୨୩୫ ହାଇସ୍କୁଲର ୧୪,୨୯୫ ପରୀକ୍ଷାର୍ଥୀ ୭୫ କେନ୍ଦ୍ରରେ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୧୩,୯୦୩ ରେଗୁଲାର ଓ ୩୯୨ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ। ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ୬ ନୋଡାଲ ସେଣ୍ଟର ହୋଇଛି। ସେଗୁଡ଼ିକ ହେଲା ନୟାଗଡ଼ ବ୍ଲକର ବ୍ରଜେନ୍ଦ୍ର ହାଇସ୍କୁଲ, ଦଶପଲ୍ଲା ବ୍ଲକର ଦଶପଲ୍ଲା ହାଇସ୍କୁଲ, ଓଡ଼ଗାଁ ବ୍ଲକର ରଘୁନାଥ ବିଦ୍ୟାପୀଠ, ରଣପୁର ବ୍ଲକର ବ୍ରଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲ, ଖଣ୍ଡପଡ଼ା ବ୍ଲକର ରାମଚନ୍ଦ୍ର ହାଇସ୍କୁଲ ଓ ଭାପୁର ବ୍ଲକର ଫତେଗଡ଼ ହାଇସ୍କୁଲ। ନୟାଗଡ଼ ବ୍ଲକରେ ସର୍ବାଧିକ ୧୫ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ଗଣିଆ ବ୍ଲକରେ ସର୍ବନିମ୍ନ ୩ ପରୀକ୍ଷା କେନ୍ଦ୍ର ହୋଇଛି। ଅନ୍ୟପଟେ ଏନ୍‌ଏସି ହାଇସ୍କୁଲ ଓ ନବଘନପୁର ହାଇସ୍କୁଲ ଏହି ଦୁଇ କେନ୍ଦ୍ରରେ ୩୧୩ ପରୀକ୍ଷାର୍ଥୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୧୩୮ ରେଗୁଲାର ଓ ୧୭୫ ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀ। ଜିଲାର ୭୫ କେନ୍ଦ୍ରରେ ୭୫ ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଯୁକ୍ତ କରାଯାଇଛି। ସମସ୍ତ ପରୀକ୍ଷା ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବ। ନୋଡ଼ାଲ ସେଣ୍ଟରରେ ପୋଲିସ ସୁରକ୍ଷା, ଡେସପାଚ୍ ଟିମ୍‌ର ଗମନାଗମନ ବେଳେ ଏସ୍କର୍ଟ ପ୍ରଦାନ ଓ ମୋବାଇଲ୍ ପାଟ୍ରୋଲିଂ ପାଇଁ ମଧ ପୋଲିସ ତରଫରୁ ବ୍ୟବସ୍ଥା କରାଯିବାର ସୂଚନା ମିଳିଛି। କପି ରୋକିବା ପାଇଁ ସେଣ୍ଟର ସ୍କ୍ୱାଡ୍, ଫ୍ଲାଇଂ ସ୍କ୍ୱାଡ୍ ଓ ସ୍ପେଶିଆଲ୍ ସ୍କ୍ୱାଡ୍ ଏହିଭଳି ୩ଟି ସ୍କ୍ୱାଡ୍ ଗଠନ କରାଯାଇଛି। ବୋର୍ଡ଼ ତରଫରୁ ସେଣ୍ଟ୍ରାଲ୍ ସ୍କ୍ୱାଡ୍ ଆସିବାକୁ ଥିବାବେଳେ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଫ୍ଲାଇଂ ସ୍କ୍ୱାଡ୍ ଓ ଜିଲା ପ୍ରଶାସନ ତରଫରୁ ସ୍ପେଶିଆଲ ସ୍କ୍ୱାଡ୍ ପରୀକ୍ଷା ସମୟରେ ବିଭିନ୍ନ କେନ୍ଦ୍ରର ତଦାରଖ କରିବେ ବୋଲି ସୂଚନା ମିଳିଛି। ପ୍ରଶ୍ନପତ୍ର ଲିକ୍, ଜାଲ୍ ପ୍ରଶ୍ନପତ୍ର ବଣ୍ଟନ ଓ ପରୀକ୍ଷା କେନ୍ଦ୍ର ପାଖରେ କପି ଯୋଗାଉଥିବା କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।




ଜିଲା ଶିକ୍ଷା କାର୍ଯ୍ୟାଳୟ।

**ବ୍ଲକ ଅନୁଯାୟୀ ବିବରଣୀ**

| କ୍ର.ନଂ. | ବ୍ଲକ | ପରୀକ୍ଷା କେନ୍ଦ୍ର | ପରୀକ୍ଷାର୍ଥୀ |
|---|---|---|---|
| ୧ | ନୟାଗଡ଼ | ୧୫ | ୨୭୨୪ |
| ୨ | ରଣପୁର | ୧୨ | ୨୫୭୮ |
| ୩ | ଓଡ଼ଗାଁ | ୧୨ | ୨୨୯୧ |
| ୪ | ଭାପୁର | ୦୮ | ୧୪୬୮ |
| ୫ | ଖଣ୍ଡପଡ଼ା | ୧୦ | ୧୮୬୩ |
| ୬ | ଦଶପଲ୍ଲା | ୦୯ | ୧୬୫୪ |
| ୭ | ନୂଆଗାଁ | ୦୬ | ୧୨୮୮ |
| ୮ | ଗଣିଆ | ୩ | ୪୨୯ |
| | **ମୋଟ** | **୭୫** | **୧୪,୨୯୫** |

## ■ ରାସ୍ତାରେ ରାହାଜାନି ବେଳେ ମହିଳାଙ୍କ ମୃତ୍ୟୁ ଘଟଣା

# ଅଭିଯୁକ୍ତଙ୍କୁ ୮ବର୍ଷ କାରାଦଣ୍ଡ

**ନୟାଗଡ଼ ଅଫିସ, ୭।୨**

ରାସ୍ତାରେ ରାହାଜାନି ବେଳେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ଗୁରୁବାର ନୟାଗଡ଼ ଜିଲା ଦୌରାଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ ଅଭିଯୁକ୍ତ ଗୁରୁପ୍ରସାଦ ଦାସ ଓରଫ ଚନ୍ଦନଙ୍କୁ ୮ବର୍ଷ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଚନ୍ଦନଙ୍କ ଘର ଶରଣକୁଳ ଥାନା ବିଟଳଗାଡ଼ିଆ ଗ୍ରାମରେ। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୮ ମେ' ୨୦୧୭ରେ ବୋଲଗଡ଼ ଥାନା ସାନକୁମାରୀ ଗ୍ରାମର ମଧୁସୂଦନ ଜେନା ଓ ସ୍ତ୍ରୀ କଳ୍ପନା ଦଶପଲ୍ଲାର ଏକ ସ୍କୁଲରେ ପଢୁଥିବା ତାଙ୍କ ଝିଅକୁ ହଷ୍ଟେଲରେ ଛାଡ଼ିବାକୁ ଯାଇଥିଲେ। ସେଠାରୁ କାମସାରି ସନ୍ଧ୍ୟା ୭ଟା ସମୟରେ ଏହି ଦମ୍ପତି ବାଇକ୍‌ରେ ଫେରୁଥିଲେ। ମହିତମା ଛକ ନିକଟରେ ହଠାତ୍ ଚନ୍ଦନ ବାଇକ୍‌ରେ ପହଞ୍ଚି ସେମାନଙ୍କୁ ଗାଡି ଅଟକାଇବାକୁ କହିଥିଲେ। ହେଲେ ମଧୁସୂଦନ ଗାଡ଼ି ରଖି ନ ଥିଲେ। ପରେ ବାଇକ୍‌ରେ ବସିଥିବା କଳ୍ପନାଙ୍କ ବେକରୁ ଚନ୍ଦନ ସୁନା ଚେନ୍, କାନଫୁଲ ଓ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ସମୟରେ କଳ୍ପନା ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ୨୯ ତାରିଖରେ ମଧୁସୂଦନ ଏ ନେଇ ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୫/୧୭ରେ ଏକ ମାମଲା ରୁଜୁ କରି ଚନ୍ଦନଙ୍କୁ ଗିରଫ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେବେଠାରୁ ଚନ୍ଦନ ଜେଲ୍‌ରେ ରହି ଆସୁଥିଲେ। ଗୁରୁବାର ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଦୌରାଜଜ୍ ପଟ୍ଟନାୟକ ଚନ୍ଦନଙ୍କୁ ୮ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଶୁଣାଣି କରିଛନ୍ତି। ଜରିମାନା ଅନାଦାୟେ ହେଲେ ୬ ମାସ ଅଧିକ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ। ସରକାରୀ ଓକିଲ ବିପିନ କୁମାର ଧଳ ମାମଲା ପରିଚାଳନା କରୁଥିଲେ।

## ବସ୍ତିରେ ରହି ମଧ ମିଳିଲାନି ଜମି ପଟ୍ଟା

### ଜମିର କିସମ ବଦଳାଇବାକୁ ଜିଲାପାଳଙ୍କୁ ଅଭିଯୋଗ



ଜିଲାପାଳ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ବସ୍ତିବାସିନ୍ଦା।

**ନୟାଗଡ଼ ଅଫିସ,୭।୨**

ନୟାଗଡ଼ ସହରର ୩ ନମ୍ବର ୱାର୍ଡ଼ ଗାନ୍ଧୀନଗର ଓ ରାମେଶ୍ୱର ସାହିର କିଛି ପରିବାର ବସ୍ତିରେ ରହୁଥିଲେ ମଧ ସେମାନଙ୍କୁ ଜାଗା ମିଶନ ଯୋଜନାରେ ପଟ୍ଟା ମିଳିଲା ନାହିଁ। ଏ ନେଇ ଏନ୍‌ଏସି କାର୍ଯ୍ୟାଳୟରେ ଅଭିଯୋଗ ପରେ ସେମାନେ ରହୁଥିବା ଜାଗା ପୂର୍ତ୍ତ ଓ ଜଙ୍ଗଲ –୨ ବିଭାଗର ହୋଇଥିବାରୁ ସେମାନଙ୍କୁ ଉକ୍ତ ଜାଗାର ପଟ୍ଟା ମିଳିପାରିବ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଫଳରେ ସେମାନେ ବର୍ତ୍ତମାନ କ'ଣ କରିବେ ସେହି ଚିନ୍ତାରେ ଅଛନ୍ତି। ବସ୍ତିବାସିନ୍ଦାଙ୍କ ଅଭିଯୋଗ ଅନୁସାରେ ସେମାନେ ବାସହରା ହୋଇଥିବାରୁ ଦୀର୍ଘବର୍ଷ ହେଲା ବସ୍ତିରେ ରହିଆସୁଛନ୍ତି। ତେଣୁ ଜମିର କିସମ ବଦଳାଇବାକୁ ସେମାନେ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ସମୟରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଉପସ୍ଥିତ ଥିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ନୟାଗଡ଼ ସହରର ବର୍ତ୍ତମାନ ୪୧୯ ପରିବାରକୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବାକି ରହିଯାଇଥିବା ଲୋକମାନଙ୍କୁ ପ୍ରଦାନ କରାଯିବ। ଉକ୍ତ ବସ୍ତିବାସିନ୍ଦା ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ସନ୍ତୋଷ ବିଶ୍ୱାଳଙ୍କ ନେତୃତ୍ୱରେ ଏକାଧିକ ପରିବାର ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ।

## ଶମ୍ବର ମାଂସ, ବନ୍ଧୁକ ଜବତ: ୨ଶିକାରୀ ଗିରଫ

**ଗଣିଆ,୭।୨(ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ବନାଞ୍ଚଳର ବଙ୍କାମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ଶମ୍ବର ଶିକାର କରାଯାଇ ମାଂସ ଚାଲାଣ ହେଉଥିବାବେଳେ ଗୁରୁବାର ବନ କର୍ମଚାରୀମାନେ ମାଂସ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୨ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ଗିରଫ ୨ଜଣ ହେଲେ ଗଣିଆ ଥାନା ରାସଙ୍ଗ ପଞ୍ଚାୟତ ଡଙ୍କାରିସାହି ଗ୍ରାମର ବାବା କୃଷ୍ଣ ଦାସ (୩୭) ଓ ଖଣ୍ଡପଡା ବ୍ଲକ କିଆଝର ପଞ୍ଚାୟତ ସେରଜଙ୍ଗ ଗ୍ରାମର ବେଣୁଧର ସାମଲ (୫୭) । ଘଟଣାରେ ବ୍ୟବହୃତ ଏକ ଦେଶୀ ବନ୍ଧୁକ, ୨ଟି କଟୁରି, ଗୁଳି ଓ ବାରୁଦ ସହ ୫କି.ଗ୍ରା. ଶମ୍ବର ମାଂସ ବନ ବିଭାଗ କର୍ମଚାରୀମାନେ ଜବତ କରିଛନ୍ତି। ବନବିଭାଗ ତରଫରୁ ନଂ ୬୭/୧୮–୧୯ ରୁଜୁ କରାଯିବା ସହ ଉଭୟଙ୍କୁ ଗିରଫ ପରେ ଦଶପଲ୍ଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତକୁ ପଠାଇଦିଆଯାଇଛି।

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗଣିଆ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ନିର୍ଦ୍ଦେଶରେ ବନକର୍ମଚାରୀମାନେ ଗତ ବୁଧବାର ରାତିରେ ଚଢାଉ କରି ଗଣିଆ ବଜାରରୁ ବେଣୁଧରଙ୍କଠାରୁ ୫ କିଲୋଗ୍ରାମ ମାଂସ ଜବତ କରିଥିଲେ । ବେଣୁଧରଙ୍କୁ ପଚରାଉଚରା ସମୟରେ ବଙ୍କାମୁଣ୍ଡା ଜଙ୍ଗଲର ଏକ ମଠ ନିକଟରେ ଶମ୍ବର ଶିକାର କରିଥିବା କହିବା ସହ ଘଟଣାରେ ସଂପୃକ୍ତ ବାବାଙ୍କ ସମ୍ପର୍କରେ ବନକର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଫରେଷ୍ଟର ଶିଶିର ସାହୁ, ଫରେଷ୍ଟଗାର୍ଡ ସନ୍ତୋଷ ପ୍ରଧାନ ବଙ୍କାମୁଣ୍ଡା ଜଙ୍ଗଲର ପଣ୍ଡାମରା ନିକଟସ୍ଥ ମଠରେ ରହୁଥିବା ବାବା କୃଷ୍ଣ ଦାସଙ୍କୁ ଗିରଫ କରିବା ସହ ମଠରୁ ଶିକାରରେ ବ୍ୟବହୃତ ହୋଇଥିବା ଏକ ଦେଶୀ ବନ୍ଧୁକ, କଟୁରି, ଟର୍ଚ୍ଚ ଓ ଗୁଳି ଜବତ କରିଥିଲେ ।



ଗିରଫ ଶିକାରୀ, ଜବତ ମାଂସ ଓ ବନ୍ଧୁକ।

## ସୁସ୍ଥ ପରିବେଶ ପାଇଁ ସାମାଜିକ ସଚେତନତା

**ବୋଲଗଡ଼,୭।୨(ଡି.ଏନ.ଏ.)**

ସୁସ୍ଥ ପରିବେଶ ପାଇଁ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ବୃକ୍ଷରୋପଣଠାରୁ ଆରମ୍ଭ କରି ପଲିଥିନମୁକ୍ତ ଉତ୍ତମ ପରିବେଶ ଗଠନ ନିମନ୍ତେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ସଚେତନତା କରାଯାଇଛି । ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପରିବେଶବିତ୍ ସୁଦର୍ଶନ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ବସନ୍ତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ସ୍ୱଚ୍ଛତା ଓ ଉତ୍ତମ ଚରିତ୍ର ନିର୍ମାଣ ଗଠନ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। ଏନ୍‌ସିସି ଅଧିକାରୀ ତଥା ଶିକ୍ଷକ ଦିବାକର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ ।

## ୟୁଥ୍ କନେକ୍ଟ କପ୍ –୨୦୧୯ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୭।୨**

ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ଏନ୍‌ଏସିର ଯୁବକମାନଙ୍କୁ ନେଇ ନୟାଗଡ଼ ୟୁଥ୍ କନେକ୍ଟ କପ୍- ୨୦୧୯ ଗୁରୁବାର ଉଦ୍‌ଘାଟିତ ହୋଇଛି। ନୟାଗଡ଼ ଖେଳପଡ଼ିଆଠାରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ପୁରୁଣା ସହର ଓ କ୍ରୀଡାଶପୁର ମଧ୍ୟରେ ହୋଇଥିବା ବେଳେ ଏଥିରେ କ୍ରୀଡାଶପୁର ବିଜୟୀ ହୋଇଥିଲା। ଗୌଡ଼ପୁଟ ଓ ଘଡୁଆଳ ମଧ୍ୟରେ ହୋଇଥିବା ୨ୟ ମ୍ୟାଚ୍‌ରେ ଘଡୁଆଳ ବିଜୟୀ ହୋଇଥିଲା। ୩ୟ ମ୍ୟାଚ୍ ଶରଧାପୁର ଓ ଲେଙ୍କୁଡ଼ିପଡ଼ା ମଧ୍ୟରେ ହୋଇଥିବା ବେଳେ ଲେଙ୍କୁଡ଼ିପଡ଼ା ବିଜୟୀ ହୋଇଥିଲା। ଚମ୍ପତିପୁର ଓ କୋମଣ୍ଡ ମଧ୍ୟରେ ଅନୁଷ୍ଠିତ ୪ର୍ଥ ମ୍ୟାଚ୍‌ରେ ଚମ୍ପତିପୁର ବିଜୟୀ ହୋଇଥିଲା। ଏହି ଅବସରରେ କ୍ରିକେଟର ଦିବାକର ନାୟକ, ପ୍ରଫେସର ଆଶୁତୋଷ ମିଶ୍ର, ବିନାୟକ ପ୍ରସାଦ ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଆୟୋଜକ ରବୀନ୍ଦ୍ର କୁମାର ଜେନା, ସଂଗ୍ରାମ ଗୁମାନ ସିଂ, ସତ୍ୟବ୍ରତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ସାହୁ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

## ରାସ୍ତାରୋକୋ ନେଇ ମକଦ୍ଦମା ରୁଜୁ

**ଦଶପଲ୍ଲା,୭।୨(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅଫିସ ସମ୍ମୁଖ ଜାତୀୟ ରାଜପଥ ଅବରୋଧ କରାଯିବା ଦ୍ୱାରା ଯାନବାହନ ଚଳାଚଳ ବନ୍ଦ ହେବା ସହ ବହୁ ଜନସାଧାରଣ ହଇରାଣ ହୋଇଥିଲେ। ଏଥିନେଇ ପୋଲିସ ପକ୍ଷରୁ ଆନ୍ଦୋଳନରେ ସାମିଲ ହୋଇଥିବା ଶତାଧିକ ମହିଳାପୁରୁଷଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ଗତ ୫ ତାରିଖରେ ଅଫିସ ତାଲା ଖୋଲିବା ନେଇ ଏକ ମହିଳା ଗୋଷ୍ଠୀ ତରଫରୁ ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯାଇଥିଲା।

## ନିଆଁରେ ପୋଡ଼ିହୋଇ ଦମ୍ପତି ଗୁରୁତର



ଦମ୍ପତିଙ୍କୁ ଦେଖିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିଡ଼।

**ନୟାଗଡ଼ ଅଫିସ,୭।୨**

ନୟାଗଡ଼ ପୁରୁଣା ସହର ବ୍ରାହ୍ମଣସାହିରେ ଗୁରୁବାର ସନ୍ଧ୍ୟା ସମୟରେ ନିଆଁରେ ପୋଡ଼ି ହୋଇ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ କାହ୍ନୁଚରଣ ଡାକୁଆ ଓ ରେଶମା ଡାକୁଆ। ଘଟଣାରୁ ପ୍ରକାଶ ଯେ, ସନ୍ଧ୍ୟା ୫ଟା ସମୟରେ କାହ୍ନୁଚରଣଙ୍କ ଘର ଭିତରେ ନିଆଁ ଜଳୁଥିବା ପଡ଼ୋଶୀ ଘର ଲୋକେ ଦେଖି କବାଟ ଖୋଲିଥିଲେ। କାହ୍ନୁଚରଣ ଓ ତାଙ୍କ ସ୍ତ୍ରୀ ନିଆଁରେ ପୋଡ଼ିଯାଉଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଦମ୍ପତିଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ରେଶମାଙ୍କ ଶରୀରର ୮୦ ପ୍ରତିଶତ ଓ କାହ୍ନୁଚରଣଙ୍କ ଶରୀରର ୩୦ ପ୍ରତିଶତ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ତେବେ ପାରିବାରିକ କଳହରୁ ଏଭଳି ଘଟିଥିବା ଆଲୋଚନା ହେଉଛି। ଦମ୍ପତିଙ୍କ ଏକ ୮ବର୍ଷର ଝିଅ ଥିବା ଜଣାପଡ଼ିଛି।

## ରୋଜ୍ ଡେ'ରେ ପ୍ରେମିକା ହଟହଟା, ଛାଡ଼ି ଚାଲିଗଲେ ପ୍ରେମିକ

**ନୟାଗଡ଼ ଅଫିସ,୭।୨**

ମିସ୍‌ଡ କଲ୍‌ରୁ ପ୍ରେମ। ଏହା ପରେ ପ୍ରେମିକଙ୍କୁ ଦେଖା କରିବାକୁ ୧୧୦ କିଲୋମିଟର ଦୂର ପୁରୀରୁ ନୟାଗଡ଼ ଆସିଥିଲେ ପ୍ରେମିକା। ହେଲେ ପ୍ରେମିକାଙ୍କୁ ଦେଖିବା ମାତ୍ରେ ପ୍ରେମିକ ଜଣଙ୍କ ଛାଡ଼ି ପଳାଇ ଯାଇଥିଲା। ଶେଷରେ ରୋଜ୍ ଡେ'ରେ ପ୍ରେମିକାଙ୍କୁ ହଟହଟା ହେବାକୁ ପଡିଛି। ଯୁବତୀ ଜଣକ ପ୍ରତାରଣାର ଶିକାର ହେବା ପରେ ବର୍ତ୍ତମାନ ନୟାଗଡ଼ର ଏକ ଷ୍ଟେ ହୋମ୍‌ରେ ଅଛନ୍ତି। ପ୍ରକାଶ ଯେ, ମିସ୍‌ଡ଼ କଲ୍ ପରେ ନୟାଗଡ଼ ଅଞ୍ଚଳର ଜଣେ ଯୁବକଙ୍କ ସହିତ ପୁରୀ ଅଞ୍ଚଳର ଯୁବତୀଙ୍କ ବାର୍ତ୍ତାଳାପ ହୋଇଥିଲା। ଗୁରୁବାର ରୋଜ୍ ଡ଼େ ଥିବାରୁ ପ୍ରେମିକଙ୍କୁ ଦେଖା କରିବା ପାଇଁ ପ୍ରେମିକା ଜଣକ ସହରର ଅମରେନ୍ଦ୍ର ବଜାରକୁ ଆସିଥିଲେ। ସେଠାରେ ଉଭୟଙ୍କ ଦେଖାସାକ୍ଷାତ ମଧ ହୋଇଥିଲା। ପରେ କ'ଣ ହେଲା କେଜାଣି ଯୁବତୀଙ୍କୁ ଛାଡି ଯୁବକ ଜଣକ କୁଆଡେ ପଳାଇ ଯାଇଥିଲେ। କିଛି ସମୟ ଅପେକ୍ଷା ପରେ ଯୁବତୀ କାନ୍ଦୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲା। ଯୁବତୀଙ୍କୁ ପଚାରାଉଚରା ପରେ ତାଙ୍କ ଘର ପୁରୀ ଜିଲାରେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଯୁବତୀଙ୍କୁ ଷ୍ଟେ ହୋମ୍‌ରେ ରଖାଯାଇଥିବା ବେଳେ ଯୋଗାଯୋଗ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଟାଉନ ଥାନା ପକ୍ଷରୁ ସୂଚନା ମିଳିଛି।

## ■ ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଚୌଦ୍ୱାରକୁ ହରାଇ କେସିସି ସେମିରେ

**ଗଣିଆ,୭।୨(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକର ଗଣିଆସ୍ଥିତ ମହାବୀର ସାଂସ୍କୃତିକ ପରିଷଦ ତରଫରୁ ଚାଲୁରହିଥିବା ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଶେଷ ଲିଗ୍‌ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ନେତାଜୀ ମେମୋରିଆଲ କ୍ରିକେଟ କ୍ଲବ ଚୌଦ୍ୱାରକୁ ୯୬ ରନ୍‌ରେ ହରାଇ ଖୋର୍ଦ୍ଧା କ୍ରିକେଟ କ୍ଲବ (କେସିସି)୨ୟ ସେମିଫାଇନାଲକୁ ପ୍ରବେଶ କରିଛି । ପ୍ରଥମେ ଟସ୍ ଜିଣି କେସିସି ଖୋର୍ଦ୍ଧା ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୪୭ ରନ୍ ସଂଗ୍ରହ କରିଥିଲା। ଜବାବରେ ନେତାଜୀ ମେମୋରିଆଲ କ୍ରିକେଟ କ୍ଲବ ଚୌଦ୍ୱାର ୧୭.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ପୋଲିସ ଡିଜି ତଥା ଭାଜପା ନେତା ଅଶୋକ ସାହୁ ଯୋଗଦେଇଥିଲେ। ବିଜୟୀ ଦଳର ଗିରିଶ ନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମହେଶ୍ୱର ମହାରଣା ଓ ତ୍ରିଲୋଚନ ବସ୍ତି ଖେଳ ପରିଚାଳନା କରିଥିଲେ। ଗତ ବୁଧବାର ଅନୁଷ୍ଠିତ ତୃତୀୟ ଲିଗ୍ ମ୍ୟାଚ୍‌ରେ ଆୟୋଜକ ଗଣିଆ କ୍ରିକେଟ ଟିମ୍‌କୁ ହରାଇ ଏନଡିସିସି ନୟାଗଡ ୨ୟ ସେମିଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ୨ୟ ସେମିଫାଇନାଲ ଏନଡିସିସି, ନୟାଗଡ ଓ ଖୋର୍ଦ୍ଧା କ୍ରିକେଟ କ୍ଲବ (କେସିସି) ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ମିଳିଛି ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।